୬ ଏସିଆ କପ୍ ଫାଇନାଲରେ ପହଞ୍ଚିଲା ଭାରତୀୟ ମହିଳା ଦଳ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୧୮୦ ● ୨୭ ଜୁଲାଇ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-180 ● 27th July 2024, Saturday ● Bhubaneswar | Licensed to post without pre-payment of postage No- BN-60/22-24

# ଖଣି ରୟାଲିଟି ଆଦାୟ କରିପାରିବ ରାଜ୍ୟ

■ କେନ୍ଦ୍ରର ଯୁକ୍ତିକୁ ଅଗ୍ରାହ୍ୟ କଲେ ସୁପ୍ରିମ୍‌କୋର୍ଟ ■ ଉପକୃତ ହେବେ ଓଡ଼ିଶା ସମେତ ୬ ରାଜ୍ୟ

**ନୂଆଦିଲ୍ଲୀ, ୨୬।୭**

ଖଣି ରୟାଲିଟିକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ସୁପ୍ରିମକୋର୍ଟ ଶୁକ୍ରବାର ଏକ ଐତିହାସିକ ରାୟ ଦେଇଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଖଣିଜ ପଦାର୍ଥ ଉତ୍ପାଦନ ହେଉଥିବା ଜମି ଉପରେ ରାଜ୍ୟ ସରକାର ରୟାଲିଟି ବସାଇପାରିବେ। ଏହା ହେଉଛି ରାଜ୍ୟମାନଙ୍କର ଅଧିକାର। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କର ସମସ୍ତ ଯୁକ୍ତିକୁ ଖାରଜ କରିଦେଇ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ରୟାଲଟି ଆଦାୟ ଲାଗି ରାଜ୍ୟମାନଙ୍କର କ୍ଷମତା ରହିଛି । କୋର୍ଟ ରାୟ ଯୋଗୁଁ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି



ଖଣିସମ୍ପଦରେ ଭରପୂର ରାଜ୍ୟ ଉପକୃତ ହୋଇପାରିବେ। ଏହି ରାଜ୍ୟର ସରକାରମାନେ ସେମାନଙ୍କ ଅଞ୍ଚଳରେ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା କମ୍ପାନୀମାନଙ୍କ ଉପରେ ଅତିରିକ୍ତ ରୟାଲିଟି ବସାଇପାରିବେ।

ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହି ରାୟ ଶୁଣାଇଛନ୍ତି । ୯ ଜଣିଆ ଖଣ୍ଡପୀଠରେ ଏହି ରାୟକୁ ୮ ଜଣ ବିଚାରପତି ସମର୍ଥନ କରିଥିବା ବେଳେ ଜଣେ ବିଚାରପତି ଏହାକୁ ବିରୋଧ କରିଥିଲେ। ରାୟ ଶୁଣାଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଲେ ଯେ ମାଇନ୍ସ ଏଣ୍ଡ ମିନେରାଲ୍ସ ଆଇନ (ଏମ୍‌ଏମଡିଆର ଆକ୍ଟ)ରେ ଖଣିଜ ପଦାର୍ଥ ଉପରେ ଟିକସ ବସାଇବା ଲାଗି ରାଜ୍ୟମାନଙ୍କୁ ବାରଣ କରାଯାଇ ନାହିଁ। ଅନ୍ୟପକ୍ଷରେ ଏହି ରାୟ ସହ ସହମତ ହୋଇନଥିବା ଜଷ୍ଟିସ ନାଗରତ୍ନ କହିଲେ ଯେ ଖଣିଜ ପଦାର୍ଥ ଉପରେ ଟିକସ ବସାଇବା ଲାଗି ରାଜ୍ୟମାନଙ୍କୁ କ୍ଷମତା ଦିଆଗଲେ ରାଜସ୍ୱ ସଂଗ୍ରହ ପାଇଁ କେନ୍ଦ୍ର ଓ ରାଜ୍ୟମାନଙ୍କ *(ପୃଷ୍ଠା ୭ରେ)*

# ଆଜି ନୀତି ଆୟୋଗ ବୈଠକ

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ଆଜିଠୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶନିବାର ନୀତି ଆୟୋଗ ବୈଠକ ରହିଛି । ଏଥିରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ।

ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମଧ୍ୟ ନୀତି ଆୟୋଗ ବୈଠକରେ ଯୋଗ ଦେବେ ପରବର୍ତ୍ତୀ ସମୟରେ ବିଜେପିର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ରହିଛି ଏହାସହ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀ ମାନଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ।

ଗତ ୨୩ ତାରିଖରେ ଆସିଥିବା ସାଧାରଣ ବଜେଟ୍‌ରେ ଅଣ ବିଜେପି ଶାସିତ ରାଜ୍ୟଗୁଡ଼ିକୁ ଅଣଦେଖା କରାଯାଇଥିବାରୁ ରାଗି ଯାଇ ଇଣ୍ଡିଆ ମିଳିତ ମେଣ୍ଟର ଦଳଗୁଡିକ ନୀତି ଆୟୋଗ ବୈଠକକୁ ବହିଷ୍କାର କରିବାକୁ ଘୋଷଣା କରିଥିଲେ। ଅତିକମ୍‌ରେ ଚାରୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ



ଏହି ବୈଠକକୁ ଯିବେନି। ସେଥିମଧ୍ୟରୁ କଂଗ୍ରେସ ଶାସିତ ରାଜ୍ୟର ତିନିଜଣ ମୁଖ୍ୟମନ୍ତ୍ରୀ ଥିବା ବୋଲି ଜଣାଯାଇଛି।

ଇଣ୍ଡିଆ ମେଣ୍ଟର ପ୍ରମୁଖ ସହଯୋଗୀ ଡିଏମ୍‌କେ ସୁପ୍ରିମୋ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ। ରାଜ୍ୟ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ପୂର୍ବରୁ ହିଁ ନୀତି ଆୟୋଗ ବୈଠକକୁ ବହିଷ୍କାର ଘୋଷଣା କରିସାରିଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଇଣ୍ଡିଆ ମେଣ୍ଟର ନେତାଙ୍କ ବୈଠକ ବସିଥିଲା। ଏହି ବୈଠକରେ ବଜେଟ ଉପରେ ଚର୍ଚ୍ଚା ହୋଇଥିଲା। ଅଣ ବିଜେପି ଶାସିତ ରାଜ୍ୟ ପ୍ରତି ଭେଦଭାବ କରାଯାଥିବା ନେଇ ବିରୋଧୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଇଣ୍ଡିଆ ମେଣ୍ଟର ସମସ୍ତ ମୁଖ୍ୟମନ୍ତ୍ରୀ ମଧ୍ୟ ନୀତି ଆୟୋଗ ବୈଠକକୁ ବହିଷ୍କାର କରିବାକୁ ଘୋଷଣା କରିଥିଲେ।

## ଅଗ୍ନିପଥ ଯୋଜନାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣା

**ନୂଆଦିଲ୍ଲୀ, ୨୬।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୫ତମ କାର୍ଗିଲ ବିଜୟ ଦିବସ ଅବସରରେ କାର୍ଗିଲ ଯୁଦ୍ଧ ସ୍ମାରକରେ ଶହୀଦ ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ୨୬ ଜୁଲାଇ ୧୯୯୯ରେ ଭାରତ କାର୍ଗିଲ ଯୁଦ୍ଧରେ ବିଜୟ ହାସଲ କରିଥିଲା। ଏହି ଦିନକୁ ପ୍ରତିବର୍ଷ କାର୍ଗିଲ ବିଜୟ ଦିବସ ଭାବେ ପାଳନ କରାଯାଉଛି।

ପ୍ରଧାନମନ୍ତ୍ରୀ ଏନେଇ କହିଛନ୍ତି, ସତ ଏହା ଯେ ଅଗ୍ନିପଥ ଯୋଜନାରେ ଦେଶର ଶକ୍ତି ବୃଦ୍ଧି ହେଉଛି ଏବଂ ଦେଶର ସାମର୍ଥ୍ୟବାନ ଯୁବକମାନେ ମାତୃଭୂମିର ସେବା ପାଇଁ ଆଗକୁ ଆସୁଛନ୍ତି । ମୁଁ ଜାଣିପାରୁନି ଯେ କିଛି ଲୋକ ଏହାକୁ ବୁଝି ପାରୁନାହାନ୍ତି। ଲୋକଙ୍କ ଭୁଲ ଧାରଣା ଯେ ସରକାର ପେନସନ ବଞ୍ଚାଇବା ପାଇଁ ଏହି ଯୋଜନା କରିଛନ୍ତି ବୋଲି ସେ କହିଛନ୍ତି।

ମୁଁ ଏପରି ଲୋକଙ୍କ ଚିନ୍ତାଧାରା ପାଇଁ ଲଜ୍ଜିତ । କିନ୍ତୁ ସେମାନଙ୍କୁ ମୁଁ ପଚାରିବାକୁ ଚାହେଁ ଯେ ଆଜି ମୋଦି ସରକାରଙ୍କ ଶାସନରେ ଯିଏ ନିଯୁକ୍ତି ପାଇବ, ତାଙ୍କୁ ଆଜି ପେନସନ ଦେବାକୁ ପଡିବ କି ? ତାଙ୍କୁ ପେନସନ ଦେବାର ସମୟ ୩୦ ବର୍ଷପରେ ଆସିବ ଏବଂ ସେତେବେଳକୁ ମୋଦିଙ୍କୁ ୧୦୫ ବର୍ଷ ବୟସ ହୋଇଥିବ। ଏହା କଣ ଉପଯୁକ୍ତ ଯୁକ୍ତି ? ମୋ ପାଇଁ ପାର୍ଟି ନୁହେଁ ବରଂ ଦେଶ ସର୍ବୋଚ୍ଚ । ଆମେ ରାଜନୀତି ପାଇଁ ନୁହେଁ ବରଂ ଜାତୀୟ ନୀତି ପାଇଁ କାର୍ଯ୍ୟ କରୁଛୁ ବୋଲି ସେ କହିଛନ୍ତି ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ରଥଯାତ୍ରା ବିଭ୍ରାଟ ନେଇ ବିରୋଧୀଙ୍କ ଉଦ୍‌ବେଗ ଓ କକ୍ଷତ୍ୟାଗ

# ରଥଯାତ୍ରା ବିରଳ ଥିଲା

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

'ଚଳିତବର୍ଷ ପୁରୀ ରଥଯାତ୍ରାରେ ନୀତିରେ ମହାବିଭ୍ରାଟ, ସରକାର ନୀରବଦ୍ରଷ୍ଟା' ଅଭିଯୋଗ ଉପରେ ଶୁକ୍ରବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ନୋଟିସ୍ ଉପରେ ସରଗରମ ଆଲୋଚନା ଗୃହର ବାତାବରଣକୁ ଉଷ୍ମ କରିଦେଇଥିଲା। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ଅଶୋକ କୁମାର ଦାସ, ବିଜେଡ଼ି ବିଧାୟକ ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଧ୍ରୁବଚରଣ ସାହୁ ଚଳିତବର୍ଷ ରଥଯାତ୍ରାରେ ବଡ଼ଠାକୁର ବଳଭଦ୍ର ମୁହଁମାଡ଼ି ପଡ଼ିଯିବା, ରଥଯାତ୍ରା ବେଳେ ଦଳଚକଟାରେ



ମୃତାହତ ହେବା ଏବଂ ଠାକୁରଙ୍କ ନୀତିରେ ବିଭ୍ରାଟ ହୋଇଥିବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାଦ୍ୱାରା ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଲାଗିଛି ବୋଲି କହିଥିଲେ। ଏଥିପାଇଁ ସରକାର ଠିକଣା ପଦକ୍ଷେପ ନେଇନଥିବାରୁ ତାହାର ତୀବ୍ର ସମାଲୋଚନା ମଧ୍ୟ କରିଥିଲେ। ଅନ୍ୟ ପକ୍ଷରେ ସରକାରୀ ଦଳର ବିଧାୟକ ସର୍ବଶ୍ରୀ ଟଙ୍କଧର ତ୍ରିପାଠୀ, *(ପୃଷ୍ଠା ୭ରେ)*

# କାର୍ଗିଲରୁ ପାକିସ୍ତାନକୁ ଚେତାବନୀ ଦେଲେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ, ୨୬।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଦାଖର ୟୁନିୟନ ଟେରିଟୋରୀରେ ପହଞ୍ଚିଥିଲେ। କାର୍ଗିଲ ବିଜୟ ଦିବସ ଅବସରରେ ସେ ୱାର ମେମୋରିଆଲରେ ପହଞ୍ଚି ପାକିସ୍ତାନ ବିରୋଧରେ ଯୁଦ୍ଧରେ ଶହୀଦ ହୋଇଥିବା ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କାର୍ଗିଲରୁ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି, ଏହାର ନିଷ୍ଠୁର ଯୋଜନା କଦାପି ସଫଳ ହେବ ନାହିଁ । ୧୯୯୯ ଯୁଦ୍ଧରେ ପାକିସ୍ତାନ ଉପରେ ଭାରତର ବିଜୟକୁ ସ୍ମରଣ କରିବା ପାଇଁ ଶୁକ୍ରବାର ସାରା ଦେଶରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି।

ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଲଦାଖରେ ଥିବା ଶିଙ୍କୁନ ଲା ଟନେଲ ପ୍ରକଳ୍ପର ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଅନୁଯାୟୀ, ଏହା ଦୁନିଆର



ସର୍ବୋଚ୍ଚ ଟନେଲ ହେବ । ଗତ କିଛି ବର୍ଷ ମଧ୍ୟରେ ସରକାର ଲଦାଖ ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ଏଠାରେ ଅନେକ ପ୍ରମୁଖ ରାସ୍ତା ମରାମତି କରାଯାଇଛି। ନୂତନ ରାସ୍ତା ଏବଂ ସେତୁ ନିର୍ମାଣ କରାଯାଇଛି।

କାର୍ଗିଲରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଲୋକମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କାର୍ଗିଲ ବିଜୟ ଦିବସ ଆମକୁ କହିଛନ୍ତି ଯେ ଦେଶ ପାଇଁ ବଳିଦାନ ଅମର ଅଟେ। ଦିନ, ମାସ, ବର୍ଷ ବିତିଯାଏ, ଦଶନ୍ଧି ବିତିଯାଏ ଏବଂ ଶତାବ୍ଦୀ ବିତିଯାଏ । କିନ୍ତୁ ଯେଉଁମାନେ ଦେଶକୁ ସୁରକ୍ଷା ଦେବା ପାଇଁ ନିଜ ଜୀବନକୁ ବିପଦରେ ପକାଉଛନ୍ତି ସେମାନେ ଅବିସ୍ମରଣୀୟ। ଆମେ କେବଳ ଯୁଦ୍ଧରେ ଜିତି ନାହୁଁ, ସତ୍ୟ, ସଂଯମତା ଏବଂ ଶକ୍ତିର ଏକ ଚମତ୍କାର ଉଦାହରଣ ଦେଇଛୁ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ମୁଁ ଭାଗ୍ୟବାନ ଯେ କାର୍ଗିଲ ଯୁଦ୍ଧ ସମୟରେ ମୁଁ ଜଣେ ସାଧାରଣ ଦେଶବାସୀ ଭାବରେ ମୋର ସୈନିକମାନଙ୍କ ମଧ୍ୟରେ ଥିଲି। ଆଜି ଯେତେବେଳେ ମୁଁ ପୁନର୍ବାର କାର୍ଗିଲ ଦେଶରେ ଅଛି, ସେତେବେଳେ ସ୍ୱାଭାବିକ ଯେ ସେହି ସ୍ମୃତିଗୁଡ଼ିକ ମୋ ମନରେ ସତେଜ ହୋଇଛି । ମୋର ମନେ ଅଛି ଆମର ସୈନ୍ୟବାହିନୀ କିପରି ଏହିପରି କଠିନ ଯୁଦ୍ଧ ଅପରେସନ କରିଥିଲେ। ମୁଁ ମାତୃଭୂମିର ସୁରକ୍ଷା ପାଇଁ ସର୍ବୋଚ୍ଚ *(ପୃଷ୍ଠା ୭ରେ)*

# ବଙ୍ଗୋପସାଗରରେ ପୁଣି ସୃଷ୍ଟି ହେଲା ଲଘୁଚାପ, ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ପୁଣି ଏକ ଲଘୁଚାପ। ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା ବେଳେ ଆଗାମୀ ୨ ଦିନ ମଧ୍ୟରେ ଲଘୁଚାପଟି ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ମୁହାଁ ହେବ। ଏହାର ପ୍ରଭାବରେ ଓଡ଼ିଶାର ଅନେକ ଜିଲାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଏହାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ସୋନପୁର, ବୌଦ୍ଧ, ବରଗଡ଼,



ସମ୍ବଲପୁର, ଦେବଗଡ଼, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, ଯାଜପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲା ରହିଛି।

ସେଥିମଧ୍ୟରୁ ୧୦ ଜିଲା ବରଗଡ଼, ସମ୍ବଲପୁର, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ *(ପୃଷ୍ଠା ୭ରେ)*

# ଗଡ଼କରୀଙ୍କ ଘୋଷଣା : ଦେଶରେ ଆରମ୍ଭ ହେବ ସାଟେଲାଇଟ ଟୋଲ ଆଦାୟ ବ୍ୟବସ୍ଥା

**ନୂଆଦିଲ୍ଲୀ, ୨୬।୭**

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏକ ବଡ଼ ନିଷ୍ପତ୍ତି ନେଇ ବର୍ତ୍ତମାନର ଟୋଲ ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି। ଏହା ସହ ସାଟେଲାଇଟ ଟୋଲ କଲେକ୍ସନ ସିଷ୍ଟମ ଲାଗୁ ହେବା ବିଷୟ ଘୋଷଣା କରାଯାଇଛି । ଶୁକ୍ରବାର ସେ କହିଛନ୍ତି ଯେ ସରକାର ଟୋଲ ଉଚ୍ଛେଦ କରୁଛନ୍ତି ଏବଂ ଖୁବଶୀଘ୍ର ସାଟେଲାଇଟ ଆଧାରିତ ଟୋଲ ଆଦାୟ ବ୍ୟବସ୍ଥା ଆରମ୍ଭ କରାଯିବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପଛର ଉଦ୍ଦେଶ୍ୟ ହେଉଛି ଟୋଲ ଆଦାୟ ବୃଦ୍ଧି କରିବା ଏବଂ ଟୋଲ ପ୍ଲାଜାରେ ଭିଡ଼ ହ୍ରାସ କରିବା।

ରାଜ୍ୟସଭାରେ ଏକ ଲିଖିତ ଉତ୍ତର ଦେଇ ସେ ଏହା ମଧ୍ୟ କହିଛନ୍ତି ଯେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଗ୍ଲୋବାଲ ନେଭିଗେସନ ସାଟେଲାଇଟ ସିଷ୍ଟମ



(ଜିଏନ୍‌ଏସ୍‌ଏସ୍) କାର୍ଯ୍ୟକାରୀ କରିବାକୁ ଯାଉଛି। ପ୍ରଥମେ ଏହା କେବଳ କେତେକ ନିର୍ଦ୍ଦିଷ୍ଟ ଟୋଲ ପ୍ଲାଜାରେ ଲାଗୁ କରାଯିବ।

ଏହା ପୂର୍ବରୁ ନୀତିନ ଗଡ଼କରୀ କହିଥିଲେ, ଏବେ ଆମେ ଟୋଲ ଉଚ୍ଛେଦ କରୁଛୁ ଏବଂ ସାଟେଲାଇଟ ଆଧାରିତ ଟୋଲ ସଂଗ୍ରହ ବ୍ୟବସ୍ଥା ରହିବ। ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯିବ ଏବଂ ଆପଣ ଯାତ୍ରା କରୁଥିବା ଦୂରତା ଅନୁଯାୟୀ ଚାର୍ଜ କରାଯିବ । ଏହାଦ୍ୱାରା ସମୟ ଓ ଅର୍ଥ ସଞ୍ଚୟ ହେବ। ପୂର୍ବରୁ ମୁମ୍ବାଇରୁ ପୁଣେ ଯିବାକୁ ୯ ଘଣ୍ଟା ଲାଗୁଥିବା ବେଳେ ଏବେ ତାହା ୨ ଘଣ୍ଟାକୁ ହ୍ରାସ ପାଇଛି।

## ବିଜିନେସ୍ ଆଡଭାଇଜରି କମିଟି ଗଠନ ନେଇ ଘୋଷଣା

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ବିଧାନସଭା ଗୃହ କାର୍ଯ୍ୟ ସୁପରିଚାଳନା ପାଇଁ ବିଜିନେସ୍ ଆଡ଼ଭାଇଜରି କମିଟି ବା କାର୍ଯ୍ୟ ପରାମର୍ଶଦାତା କମିଟି ଗଠନ କରାଯାଇଛି। ଶୁକ୍ରବାର ବିଧାନସଭାରେ ବାଚସ୍ପତି ସୁରମା ପାଢ଼ୀ ଏହି ଘୋଷଣା କରିଛନ୍ତି। ଘୋଷଣା ଅନୁସାରେ ବାଚସ୍ପତି ଏହି କମିଟିର ଅଧ୍ୟକ୍ଷ ରହିଥିବା ବେଳେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଏବଂ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ଏହି କମିଟିରେ ସଦସ୍ୟ ରହିଛନ୍ତି।

## ଏକାଳ ସକାଳ




ଆରମ୍ଭ ହେଲା ଖେଳକୁଦର
ମହାକୁମ୍ଭ ଅଲମ୍ପିକ
ସାରା ବିଶ୍ୱର ନଜର ଏଇଠି
ଦାବି କରିବାକୁ ହକ
ଭାରତ ବି କରେ ଲାଖ
ମେଡାଲ ଗୁଡାଏ ଝଡେଇବ ପକ୍କା
ଜନେ କଥା ମନେ ରଖ।

# ଆଳୁ ଗୋଦାମରେ ସ୍ଥିତି ପରଖିଲେ ଯୋଗାଣ ମନ୍ତ୍ରୀ: ଚଢା ଦରରେ ବିକିଲେ ହେବ କାର୍ଯ୍ୟାନୁଷ୍ଠାନ




**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ରୋଷେଇଶାଳର ମୁଖ୍ୟ ପରିବା ହେଉଛି ଆଳୁ। କିନ୍ତୁ ରାଜ୍ୟରେ ଏବେ ଆଳୁ ଦର ବଢିବାକୁ ନେଇ ଗ୍ରାହକ ଚିନ୍ତାରେ ପଡ଼ିଯାଇଛନ୍ତି। ଶୁକ୍ରବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଇଗେଣିଆ କୁବେରପୁରୀ ଆଳୁ ଗୋଦାମରେ ପହଞ୍ଚି ସ୍ଥିତି ପରଖିଛନ୍ତି । ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ବଜାର ଓ ଗୋଦାମରେ ଚଢାଉ କରାଯାଉଛି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ରାଜ୍ୟରେ ଆଗାମୀ ୭ ଦିନ ଯାଏ ଆଳୁ ମହଜୁଦ ରହିଛି । ତେଣୁ ଅସାଧୁ ବ୍ୟବସାୟୀ ଚଢା ଦରରେ ଆଳୁ ବିକ୍ରି କଲେ ତାଙ୍କ ବିରୋଧରେ *(ପୃଷ୍ଠା ୭ରେ)*

## ଆଳୁ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଆଳୁର କୃତ୍ରିମ ଅଭାବ ସୃଷ୍ଟି ହୋଇଛି। ଏହାର ସୁଯୋଗ ନେଇ ମୁନାଫାଖୋର ବ୍ୟବସାୟୀ ଆଳୁର କଳାବଜାର ସୃଷ୍ଟି କରିବା ସହ ଚଢା ଦରରେ ଆଳୁ ବିକ୍ରି କରୁଛନ୍ତି। ଏହା ଫଳରେ ସୃଷ୍ଟି ହୋଇଥିବା ସମସ୍ୟାରୁ ଖାଉଟିଙ୍କୁ ସୁରକ୍ଷା ଦେବା ପାଇଁ ବିରୋଧୀ *(ପୃଷ୍ଠା ୭ରେ)*

# ସୁଭଦ୍ରା ଯୋଜନା ପାଇଁ ଏସ୍‌ଓପି ପ୍ରସ୍ତୁତି ଚାଲିଛି

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଓଡ଼ିଶାରେ 'ସୁଭଦ୍ରା ଯୋଜନା' ଲାଗୁ ହେବ ବୋଲି ଘୋଷଣା କରାଯାଇଛି। ତେବେ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସୁଭଦ୍ରା ଯୋଜନାକୁ ନେଇ ଏ ପର୍ଯ୍ୟନ୍ତ କୌଣସି ଫର୍ମ ବାହାରି ନାହିଁ ବରଂ ଏସଓପି ପ୍ରସ୍ତୁତି ଚାଲିଛି। ଅଗଷ୍ଟ ୧୫ ତାରିଖ ସୁଦ୍ଧା ବୁଦ୍ଧିଜୀବୀଙ୍କ



ମତାମତ ନିଆଯିବ। ମତାମତ ମିଳିବା ପରେ ଏସ୍‌ଓପି ପ୍ରସ୍ତୁତ କରାଯିବ। ତେବେ ସୁଭଦ୍ରା ପାଇଁ କୌଣସି ୱେବସାଇଟ ଖୋଲାଯାଇ ନାହିଁ। ଏହି ଯୋଜନା ପାଇଁ ଆୟକର ପ୍ରମାଣପତ୍ର ଆବଶ୍ୟକ ପଡିବ କି ନାହିଁ ତାହା ଉପରେ ମଧ୍ୟ କୌଣସି ନିଷ୍ପତ୍ତି ହୋଇନାହିଁ। ମହିଳାମାନଙ୍କୁ ଆର୍ଥିକ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଜୁଲାଇ ୨୦୨୪ ଶନିବାର





# ବିପଦ ସଙ୍କୁଳ ଅବସ୍ଥାରେ ଚାନ୍ଦବାଲି ବୈତରଣୀ ପୋଲ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ୨୦୦୬ ମସିହାରେ ୨୫ କୋଟି ବ୍ୟୟରେ ନିର୍ମାଣ ହୋଇଥିବା ପୋଲ ଏବେ ବିପଦ ସଂକୁଳ ଅବସ୍ଥାରେ। ପଡୋଶୀ କେନ୍ଦ୍ରାପଡା, ଯାଜପୁର, କଟକ ଓ ଭୁବନେଶ୍ୱରକୁ ମୁଖ୍ୟ ସଡ଼କପଥରେ ସଂଯୋଗ କରୁଥିବା ଚାନ୍ଦବାଲିର ବୈତରଣୀ ପୋଲ ଏବେ ଦୁଇଫୁଟ୍ ତଳକୁ ଦବିଯାଇଛି। ଏଥିସହ ପୋଲ ଉପର ରାସ୍ତା ମଝିରେ ଅତୀତରେ ଏକ ଫାଟ ତଥା ଖାଲ ଦେଖିବାକୁ ମିଳିଥିବାବେଳେ ତରବରିଆ ଭାବେ ବିଭାଗ ପକ୍ଷରୁ ଏହାକୁ ମରାମତି କରିଦିଆଗଲା ତାହା ଦୁଇଫୁଟ୍ ଦବିଛି, ସେ ବିଷୟରେ ଏକାଧିକବାର କ୍ଷେତ୍ରୀୟ ତଦନ୍ତ କରାଯାଇଛି, ହେଲେ ଫଳ ଶୂନ୍। ସ୍ଥାନୀୟ ଜନସାଧାରଣ ଗଣମାଧ୍ୟମ ପକ୍ଷରୁ ବହୁବାର ସ୍ଥାୟୀ ମରାମତି ନିମନ୍ତେ ସ୍ୱର ଉତ୍ତୋଳନ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି। ଏହି ପୋଲ ଉପରେ ଯିବା ସମୟରେ ଯଦି କୌଣସି ବ୍ୟକ୍ତି ଦୁର୍ଘଟଣାର ସମ୍ମୁଖୀନ ହୁଏ, ତେବେ ତାର ମୃତ୍ୟୁ ନିଶ୍ଚିତ। ଅନ୍ୟପକ୍ଷରେ ଦୈନିକ ଶହ ଶହ ଭାରିଯାନ ଯାତାୟାତ ସମୟରେ ପୋଲଟି ଭୟଙ୍କର ଭାବେ ଥରୁଥିବାର ଲକ୍ଷ୍ୟ କରାଯାଉଛି। ଯଦ ଏହା ଭୁଶୁଡି ପଡେ ତେବେ, ବହୁ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଦୀର୍ଘଦିନ ପୂର୍ବରୁ ଏହି ପୋଲର ମରାମତି ହେବାର ଆବଶ୍ୟକ ଥିବା ନେଇ ବିଭାଗୀୟ କ୍ଷେତ୍ରୀୟ ତଦନ୍ତ ହୋଇଥିଲେ ମଧ୍ୟ ତାହାର ଫଳାଫଳ କିଛି ହୋଇନାହିଁ। ବିଭାଗୀୟ ଉଦାସୀନତା ହିଁ ଏହାର ଏକମାତ୍ର କାରଣ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିବାବେଳେ ଯଦି ଏଥିଯୋଗୁଁ କୌଣସି ଧନଜୀବନର ହାନି ହୁଏ, ତେବେ ସରକାର ଦାୟୀ ରହିବେ ବୋଲି କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ ଚେତାବନୀ ଦେଇଛନ୍ତି।

# ଦୟା ନଦୀକୁ କରାଯିବ ପ୍ରଦୂଷଣ ମୁକ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦୟାୱେଷ୍ଟ କେନାଲ ପାର୍ଶ୍ୱବର୍ତ୍ତୀ ଲୋକେ ସେମାନଙ୍କ ଘରର ସ୍ୱେରେଜ୍ ଓ ଡ୍ରେନେଜ୍ ଟାଙ୍କିକୁ କେନାଲ୍ ସହ ସଂଯୋଗ କରିଛନ୍ତି। ତେଣୁ ସ୍ୱେରେଜ୍ ଓ ଡ୍ରେନେଜ୍‌ରୁ ବାହାରୁଥିବା ମାଇଳା ପାଣି କେନାଲରେ ମିଶିବା ସହ ଏହାର ପାଣିକୁ ଦୂଷିତ କରୁଛି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ବିଡିଏ ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ 'ସେଭ୍ ଦୟା' ନାମକ ଏକ କମିଟି ଗଠନ କରାଯାଇ ନିୟମିତ ସମୀକ୍ଷା ସହ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । ସାମୟିକ ଭାବେ ଦୂଷିତ ପାଣିକୁ ସଫା କରିବାକୁ ୪ଟି ପୋଖରୀ କରାଯାଇଛି। ଏହାବ୍ୟତୀତ ଏହି ପାଣିକୁ ବିଶୋଧନ କରିବାକୁ ଗଙ୍ଗୁଆ ଓ ଦୟା ସଂଯୋଗ ସ୍ଥଳରେ ଏକ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ପ୍ରତିଷ୍ଠା କରିବାକୁ ଆବଶ୍ୟକୀୟ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଛି। ଏକାମ୍ର ବିଧାୟକ ବାବୁ ସିଂଙ୍କ ଏକ ପ୍ରଶ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନସଭାରେ ଏଭଳି ଉତ୍ତର ରଖିଛନ୍ତି। ବିଧାୟକ ଶ୍ରୀ ସିଂ ଆଉ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ ଭୁବନେଶ୍ୱର ସହର ଦେଇ ଯାଇଥିବା ୧୧ଟି ପ୍ରମୁଖ ଡ୍ରେନ୍ ଗଙ୍ଗୁଆ ନାଳରେ ମିଶିଛି। ଏହି ଡ୍ରେନ୍‌ଗୁଡ଼ିକରୁ ଜଳ ନିଷ୍କାସନ ନିମନ୍ତେ ପ୍ରତିବର୍ଷ ବିଏମ୍‌ସି ଦ୍ୱାରା ସଫେଇ କରାଯାଉଛି। ଗଙ୍ଗୁଆର ସଫେଇ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଜଳ ସମ୍ପଦ ବିଭାଗ ଅଧୀନରେ ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।



# ରାସ୍ତା ନିର୍ମାଣରେ ବିଳମ୍ବ:ଲୋକେ ହଟହଟା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଧର୍ମଶାଳା ବାଇପାସ୍ ପୂର୍ତ୍ତ ବିଭାଗ ରାସ୍ତା, ବୁଦ୍ଧମୂର୍ତ୍ତି ଠାରୁ ବ୍ରାହ୍ମଣୀ ନଦୀବନ୍ଧ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି । ରାସ୍ତା ସମ୍ପ୍ରସାରଣ ପାଇଁ ଗଛ କାଟିବା ଓ ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ଅପସାରଣ କରିବା କାର୍ଯ୍ୟ ଜରୁରୀ ହୋଇଥିବାବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଖୁଣ୍ଟ ଅପସାରଣ କରାଯାଇନାହିଁ । ଫଳରେ ରାସ୍ତା ନିର୍ମାଣରେ ବ୍ୟାଘାତ ହେଉଛି । ଏ ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ହଇରାଣ ହେଉଛନ୍ତି । ଖୁଣ୍ଟ ଅପସାରଣ ଓ ଗଛ କାଟିବା ପାଇଁ ଦାୟିତ୍ୱରେ ଥିବା ବିଭାଗ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଉପକୂଳ ଜିଲ୍ଲାରେ ମାଛର ଚାହିଦା ସର୍ବାଧିକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଉପକୂଳ ଜିଲ୍ଲାରେ ମାଛର ଚାହିଦା ଅଧିକ ରହିଛି । ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶା ତୁଳନାରେ ଉପକୂଳ ଜିଲ୍ଲାରେ ଅଧିକ ମାଛ ଖାଉଛନ୍ତି । ଉପକୂଳ ଜିଲ୍ଲା ଗଞ୍ଜାମରେ ମାଛର ଆବଶ୍ୟକତା ସର୍ବାଧିକ ରହିଛି । ଏଠାରେ ଦୈନିକ ୨୪୭ ଟନ୍ ମାଛର ଆବଶ୍ୟକତା ରହିଛି । ସେହିପରି ଅନ୍ୟତମ ଉପକୂଳ ଜିଲ୍ଲା ବାଲେଶ୍ୱରରେ ଦୈନିକ ୨୪୫ ଟନ୍ ମାଛ ଆବଶ୍ୟକ ହେଉଛି । ପୁରୀରେ ଦୈନିକ ୧୭୦ ଟନ୍ ମାଛ ଆବଶ୍ୟକ ଥିବାବେଳେ ଜଗତସିଂହପୁରରେ ଦୈନିକ ୧୪୩ ଟନ୍, ଭଦ୍ରକରେ ୧୩୩ ଟନ୍, କେନ୍ଦ୍ରାପଡ଼ାରେ ୧୧୦ ଟନ୍, ବରଗଡ଼ରେ ୧୦୮ ଟନ୍ ମାଛ ଆବଶ୍ୟକ ହେଉଛି । ସବୁଠାରୁ କମ୍ ମାଛ ଚାହିଦା ରହିଛି କନ୍ଧମାଳ ଜିଲ୍ଲାରେ । ଏହି ଜିଲ୍ଲାରେ ଦୈନିକ ମାତ୍ର ୫ ଟନ୍ ମାଛ ଆବଶ୍ୟକତା ରହିଛି । ଗଜପତିରେ ଦୈନିକ ୧୭ ଟନ୍ ମାଛ ଆବଶ୍ୟକ ଥିବାବେଳେ ନୂଆପଡ଼ାରେ ୨୦ ଟନ୍, ରାୟଗଡ଼ାରେ ୨୮ ଟନ୍, ଝାରସୁଗୁଡ଼ା ଓ କୋରାପୁଟ୍‌ରେ ୨୯ ଟନ୍ ଏବଂ ଦେବଗଡ଼ରେ ଦୈନିକ ୩୩ ଟନ୍ ମାଛ ଆବଶ୍ୟକ ରହିଛି । ରାଜ୍ୟରେ ମାଛ ଆବଶ୍ୟକତାକୁ ନେଇ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି ।

# ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଲୁରିଆ ପଞ୍ଚାୟତର ୧୨ନଂ ୱାର୍ଡରେ ସିଦ୍ଧବାଲି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଦୁର୍ନୀତି ହୋଇଥିବା ନେଇ ୱାର୍ଡ ମେମ୍ବର ମାନସ କୁମାରଦାସ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତଦନ୍ତ କରିବାକୁ ଦାବି କରିଛନ୍ତି । ଅଭିଯୋଗ ମୁତାବକ ଏହି ଅଙ୍ଗନୱାଡି କେନ୍ଦ୍ରରେ ମାତ୍ର ୮/୧୦ ଜଣ ପିଲା ପାଠ ପଢୁଥିବା ବେଳେ ଅଧିକ ସଂଖ୍ୟକ ପିଲାଙ୍କର ମିଥ୍ୟା ନାମ ପଞ୍ଜିକରଣ କରି ଅର୍ଥ ଆତ୍ମସାତ୍ କରୁଥିବା ନେଇ ସେ ଅଭିଯୋଗ କରିବାରୁ ମାନସଙ୍କୁ ସଭାପତି ପଦରୁ ବାହାର କରି ଅନ୍ୟ ୱାର୍ଡର ବ୍ୟକ୍ତିଙ୍କୁ ସଭାପତି କରି କାନାଡା ବ୍ୟାଙ୍କରୁ ଟଙ୍କା ଉଠାଉଥିବା ନେଇ ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଘଟଣାର ତଦନ୍ତ କରିବା ପାଇଁ ଡି.ଏସ୍.ଡବ୍ଲୁ.ଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ ଗଠନକୁ ସ୍ୱାଗତ କଲେ ସାଂସଦ ଅନନ୍ତ ନାୟକ

**କେନ୍ଦୁଝର, ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ ଗଠନ ନିଷ୍ପତିକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସ୍ୱାଗତ କରିଛନ୍ତି । ଏହା କେନ୍ଦୁଝର ସମେତ ଉତ୍ତର ଓଡ଼ିଶାର ଅନ୍ୟ ଜିଲ୍ଲା ଗୁଡିକର ବିକାଶରେ ସହାୟକ ହେବ ବୋଲି ଶ୍ରୀ ନାୟକ ଆଶା ପ୍ରକାଶ କରିଛନ୍ତି । ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ନାୟକ କହିଛନ୍ତି ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନର ଆବଶ୍ୟକତା ଥିଲା । ଏହି ଅଞ୍ଚଳର ଜିଲ୍ଲାମାନଙ୍କର ବିକାଶ ହେଉଛି ଏହି ପରିଷଦ ଗଠନର ମୁଖ୍ୟ ଲକ୍ଷ୍ୟ । ଏହି ଟାସ୍କଫୋର୍ସରେ ତାଙ୍କୁ ସଦସ୍ୟ ରୂପେ ନାମିତ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ନିମନ୍ତେ ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଟାସ୍କ ଫୋର୍ସର ଅଧକ୍ଷ ନିଯୁକ୍ତ ହୋଇଛନ୍ତି । ଏହି ଟାସ୍କ ଫୋର୍ସରେ ରହିଥିବା ୮ ଜଣ ସଦସ୍ୟ ସର୍ବଶ୍ରୀ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ସରକାରୀ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଫକୀର ମୋହନ ନାୟକ ଏବଂ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ପ୍ରମୁଖ ରହିଥିବାର ଜଣାପଡିଛି ।

# ୫ ବର୍ଷରେ କଟକ ଜିଲ୍ଲାରେ ମରିଛନ୍ତି ୨୬ ହାତୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବିଗତ ୫ ବର୍ଷରେ କେବଳ କଟକ ଜିଲ୍ଲାରେ ୨୬ଟି ହାତୀ ମରିଛନ୍ତି । ସେଥିରୁ ୧୧ଟି ହାତୀକୁ ଶିକାରୀ ହତ୍ୟା କରିଛନ୍ତି । ବାକି ୧୫ଟି ହାତୀ ରୋଗ ଦ୍ୱାରା ମୃତ୍ୟୁବରଣ କରିଛନ୍ତି । ସର୍ବାଧିକ ଆଠଗଡ ବନଖଣ୍ଡରେ ୨୧ଟି ହାତୀ ମୃତ୍ୟୁବରଣ କରିଥିବା ବେଳେ ହାତୀଙ୍କୁ ଶିକାରୀ ହତ୍ୟା କରିଛନ୍ତି । ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶ୍ନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଁଟିଆ ଏହି ସୂଚନା ଦେଇଛନ୍ତି ।

# ବିଏମ୍ଏସ୍ ଏକ ସଂଘ ନୁହେଁ, ଏହା ଏକ ଆନ୍ଦୋଳନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ମଜ୍‌ଦୁର୍ ସଂଘର ସ୍ଥାପନା ହେବାର ମୂଳ ଲକ୍ଷ୍ୟ ଶ୍ରମିକମାନଙ୍କ ହିତ ସାଧନ। ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳମନ୍ତ୍ରରେ ଦୀକ୍ଷିତ ଏହି ସଂଘର ପ୍ରତ୍ୟେକଟି ସଦସ୍ୟସଦସ୍ୟା ଏକ ହୋଇ ଗରିବ, ମଜ୍‌ଦୁର୍‌ର ହକ୍ ପାଇଁ ଲଢ଼େଇ କରି ଆସିଛି ଏବଂ ଆଗାମୀ ଦିନରେ ମଧ କରି ଚାଲିଥିବ। ବିନା ଆନ୍ଦୋଳନରେ ଏହି ସଂଗଠନ ସହ ଅନୁବନ୍ଧିତ କୌଣସି ବି ଏକ ସଂଗଠନ ତାହାର ହକ୍ ପାଇନାହିଁ। ୧୨୫ ଟଙ୍କାରୁ କାର୍ଯ୍ୟ ଆରମ୍ଭ କରିଥିବା ଅଙ୍ଗନୱାଡି କର୍ମୀ ଆଜି ୧୨ ହଜାର ପାରିଶ୍ରମିକ ପାଉଛନ୍ତି। ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସେମାନଙ୍କ ସାମାଜିକ ସୁରକ୍ଷା, ଆଶାକର୍ମୀ, ପାଚିକା, ସହାୟିକା ଭଳି ସବୁ କ୍ଷେତ୍ରରେ କାର୍ଯ୍ୟରତଥିବା କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ ଇଏସ୍ଆଇ, ଇପିଏଫ୍ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ଭାରତୀୟ ମଜଦୁର ସଂଘ ଆନ୍ଦୋଳନରତ। ଦେଶର ସର୍ବ ବୃହତ୍ ଶ୍ରମିକ ସଂଗଠନ ଭାବେ ଭାରତୀୟ ମଜ୍‌ଦୁର୍ ସଂଘ ପରିଗଣିତ ହେଉଥିବା ବେଳେ ଏହି ସଂଘ ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି ବୋଲି ଭାରତୀୟ ମଜ୍‌ଦୁର୍ ସଂଘର ୭୦ତମ ପ୍ରତିଷ୍ଠା ଦିବସରେ ସଂଘ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ଉପସଭାପତି ଶାନ୍ତନୁ କୁମାର ମହାପାତ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଭାପତି ବସନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଉପସଭାପତି ବିଜୟ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ବିଶ୍ୱକର୍ମା ମଜ୍‌ଦୁର୍ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ସାହୁ, ଆଶାକର୍ମୀ ସଂଘ ଜିଲ୍ଲା ସମ୍ପାଦିକା ସଞ୍ଜୁଲତା ରାଉତ, ଭାରତୀୟ ମଜଦୁର ସଂଘ ଜିଲ୍ଲା ଉପସଭାପତି ବସନ୍ତ କୁମାର ରାଉତ, ବିଏମ୍ଏସ୍ ଜିଲ୍ଲା ସମ୍ପାଦକ ପରେଶନାଥ ଧଳ, ଅଲ୍ ଓଡ଼ିଶା ଅଙ୍ଗନୱାଡି ଷଲଡିଜ ୱାର୍କର୍ସ ଆସୋସିଏସନ୍‌ର ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ଜେନା ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେବାନିବୃତ୍ତ ଧାମନଗର ବ୍ଲକ ତାଳପଦା-୧ ଅଙ୍ଗନୱାଡି କର୍ମୀ ଜାନକୀ ଦାସଙ୍କୁ ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଫାର୍ମାସିଷ୍ଟ ଅଶ୍ୱିନୀ ପାଢ଼ୀ ଏବଂ ସାମ୍ବାଦିକ ତପନ କୁମାର ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

**ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ**



# କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ହେବ ସରସ ସୁନ୍ଦର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ୨୦୨୪ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳାବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆଲୋଚନା ପରେ ସ୍ଥିର ହେଲା ଯେ, ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ରାମଧୂନ୍ ପରିବେଷଣ କରାଯିବ। ସେହିପରି ସମସ୍ତ ବ୍ଲକ୍ ଏବଂ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଯଥାକ୍ରମେ ସଂପୃକ୍ତ ବ୍ଲକ୍‌ର ବିଡିଓ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମ୍‌ଧୂନ୍ ପ୍ରଚାର କରାଇବାକୁ ନିଷ୍ପତି ହୋଇଛି। ପ୍ରଭାତଫେରୀ ପାଇଁ ସକାଳ ୬ ଘଟିକା ସମୟ ସ୍ଥିର ହୋଇଥିବା ବେଳେ ବିଦ୍ୟାଳୟରେ ପତାକା ଉତ୍ତୋଳନର ସମୟ ହେଉଛି ସକାଳ ୭ ଘଟିକା। ସକାଳ ୭.୩୦ ମିନିଟ୍‌ରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବାଣିଜ୍ୟାନୁଷ୍ଠାନ, ନିଜସ୍ୱ ଗୃହମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ପତାକା ଅବତରଣ କରାଯିବ। ସକାଳ ୯.୧୫ ମିନିଟ୍ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ ଓ ପରେ ପରେ ଅଭିଭାଷଣ ପ୍ରଦାନ କରିବେ ମୁଖ୍ୟଅତିଥି। ଏହି ଜାତୀୟ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ବାହିନୀ ବ୍ୟାଣ୍ଡ୍ ପାର୍ଟି ତରଫରୁ ରାଷ୍ଟ୍ରୀୟ ସଙ୍ଗୀତ ପରିବେଷଣ କରାଯିବ। ଜିଲ୍ଲା ପାଇଁ ସୁନାମ ଆଣିଥିବା ବ୍ୟକ୍ତି ବିଶେଷ ଏବଂ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିବେ। ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା ପରେ ପରେ କଏଦୀମାନଙ୍କୁ ମିଷ୍ଟାନ୍ନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବା ପାଇଁ ନିଷ୍ପତି ହୋଇଛି।

# କୋର୍ଟ କେସ୍‌ରେ ତ୍ୱରିତ ନ୍ୟାୟ ପାଇବାରେ ୱେବ୍ ଆପ୍ଲିକେସନ୍ ସହାୟକ ହେବ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସହ ସଂପୃକ୍ତ ନ୍ୟାୟିକ ମୋକଦ୍ଦମା ସବୁର ସମାଧାନ, କାଉଣ୍ଟର ଆଫିଡେବିଟ୍ ଆଦିର ସହଜ ଶୀଘ୍ର ସୁପରିଚାଳନା ପାଇଁ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଆନୁକୂଲ୍ୟରେ ପ୍ରଥମଥର ପାଇଁ ୱେବ୍ ବ୍ୟବସ୍ଥାର ପ୍ରଚଳନ ଆରମ୍ଭ କରାଯିବା ପରିପ୍ରେକ୍ଷୀରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସି.ଡି.ଓ. ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେ଼ପୁଟୀ କଲେକ୍ଟର, କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ହାଇକୋର୍ଟ, ଏନ୍.ଏଚ୍.ଆର.ସି., ଓ.ଏଚ୍.ଆର୍.ସି., ଡବ୍ଲୁ.ପି.ସି., ଜିଲ୍ଲା କୋର୍ଟ, ଜିଲ୍ଲାପାଳଙ୍କ କୋର୍ଟ ଆଦି ଜରିଆରେ ଆଗତ ହେଉଥିବା ବିଭିନ୍ନ କେଶ୍‌ର ସମାଧାନ ଦିଗରେ ସୁପରିଚାଳନା ପାଇଁ ନୂତନ ଏବଂ ପ୍ରଥମଥର ଭାବେ ପ୍ରଚଳନ କରାଯିବାକୁ ଥିବା ୱେବ୍ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ବନ୍ଧରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଏଚ୍.ଡି.ଏଫ୍.ସି.ବ୍ୟାଙ୍କର ପୃଷ୍ଠପୋଷକତାରେ ପ୍ରଚଳନ କରାଯାଇଥିବା ଏହି ୱେବ୍ ବ୍ୟବସ୍ଥା ସମ୍ବନ୍ଧରେ ଉକ୍ତ ବ୍ୟାଙ୍କର ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ସଂପୃକ୍ତ କର୍ମଚାରୀ ମାନେ ଏହି ବ୍ୟବସ୍ଥାର ବୈଷୟିକ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିପାଇଁ ସମସ୍ତ ବିଭାଗକୁ ଲିଙ୍କ୍, ୟୁଜର ଆଇଡ଼ି ପାସ୍‌ୱାର୍ଡ଼ ପ୍ରଦାନ କରାଗଲା, ଯାହା ଜରିଆରେ ଲଗ୍‌ଇନ୍ କରି ବିଭାଗୀୟ ଅଧିକାରୀ ତଥା ପ୍ରତି ବିଭାଗ ପାଇଁ ଥିବା ନୋଡ଼ାଲ ଅଧିକାରୀ ମାନେ ପ୍ରତିଦିନ ନିଜନିଜ ବିଭାଗ ସମ୍ବନ୍ଧୀୟ କେଶ୍ ବିଷୟ ଦେଖିପାରିବେ ଏବଂ ସମାଧାନ ପାଇଁ ଗୃହୀତ ପଦକ୍ଷେପ ବିଷୟରେ ମଧ ୱେବ୍ ଜରିଆରେ ଅପ୍‌ଲୋଡ଼୍ କରିପାରିବେ। ଜିଲ୍ଲା ସ୍ତରୀୟ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଜିଲ୍ଲାର ସମସ୍ତ ବିଭାଗୀୟ କେଶ୍ ବିଷୟରେ ମନିଟରିଂ କରିପାରିବେ। ଏହି ବ୍ୟବସ୍ଥାରେ ବିଭାଗୀୟ ଅଧିକାରୀମାନେ କେବଳ ନିଜ ନିଜ ବିଭାଗ ସଂପୃକ୍ତ କେଶ୍‌କୁ ଦେଖିପାରିବେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତ ଏହି ପ୍ଲାଟ୍‌ଫର୍ମରେ କାର୍ଯ୍ୟ କରିବା ଅଭ୍ୟାସ ହେଲା ପରେ ମେଲ୍ ଜରିଆରେ ଆଉ କେଶ୍ ସମ୍ବନ୍ଧରେ ଅବଗତ କରାଯିବନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହା ଜରିଆରେ ଜନସାଧାରଣ ତ୍ୱରିତ ନ୍ୟାୟ ପାଇବା ସହିତ ବିଭାଗୀୟ ଅଧିକାରୀ ମାନଙ୍କୁ କଣ୍ଟେମ୍ପଟ୍ କେଶ୍ କିମ୍ବା ସଂପୃକ୍ତ କୋର୍ଟ ମାନଙ୍କରୁ ଷ୍ଟ୍ରିକଚରର ସମ୍ମୁଖୀନ ହେବାକୁ ପଡ଼ିବନି ବୋଲି ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ଜିଲ୍ଲାର ସମସ୍ତ ବି.ଡି.ଓ., ତହସିଲଦାର ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ।



# କୋହ୍ଲାପୁରରେ ବର୍ଷା ବିପ୍ଳାତ ଜାରି:୫୧ ଘର ଭାଙ୍ଗିଲା

**କୋହ୍ଲାପୁର, ନ୍ୟୁଜ୍ ବ୍ୟୁରୋ**

କୋହ୍ଲାପୁର ଜିଲ୍ଲାରେ କିଛି ଦିନ ହେଲା ବର୍ଷା ବିପ୍ଳାତ ଜାରି ରହିଛି । ଲଗାଣ ବର୍ଷା ଫଳରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମୋଟ୍ ୫୧ଟି ଘର ଭାଙ୍ଗିଛି। ଜିଲ୍ଲାର ତିନୋଟି ତହସିଲରେ ଲଗାତାର ଚାଲିଥିବା ମୂଷଳ ଧାରାରେ ବର୍ଷା ଯୋଗୁଁ ପଞ୍ଚଗଙ୍ଗା ନଦୀ ବିପଦ ସଂକେତ ପାଖାପାଖି ପହଞ୍ଚିଛି । ଏହାକୁ ଦୃଷ୍ଟିରେ ରଖି ନଦୀକୂଳରେ ଥିବା ଗ୍ରାମମାନଙ୍କରେ ଲୋକଙ୍କୁ ସତର୍କ କରାଯାଇଛି । ଏଥି ସହିତ କୋହ୍ଲାପୁର ସହରର ସୁତାରବାଡ଼ା ଅଞ୍ଚଳରେ ୪ ପରିବାରର ୨୦ ଜଣ ନାଗରିକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ଜିଲ୍ଲାପାଳ ଅମୋଲ ୟେଡଗେ ବନ୍ୟା ପ୍ରଭାବିତ ଅଞ୍ଚଳରରେ ନାଗରିକ ମାନଙ୍କୁ ସମୟ ପୂର୍ବରୁ ସିଫ୍ଟ କରିବାକୁ ଏବଂ ପ୍ରଶାସନକୁ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି ।

# ଲାଭରେ ଚାଲୁଛି କେନ୍ଦ୍ର ସମବାୟ ବ୍ୟାଙ୍କ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସମସ୍ତ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ (ସିସିବି) ଗତ ୩ ବର୍ଷ ହେଲା ଲାଭରେ ଚାଲୁଛି । ୨୦୨୦-୨୧ ଆର୍ଥିକ ବର୍ଷରେ ୧୦୯ କୋଟି ୬୦ ଲକ୍ଷ ୫୨ ହଜାର ଟଙ୍କା ଲାଭ ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ଶିକ୍ଷାବର୍ଷରେ ୧୦୦ କୋଟି ୫୨ ଲକ୍ଷ ୨୨ ହଜାର ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ୧୧୯ କୋଟି ୪୬ ଲକ୍ଷ ୩୮ ହଜାର ଟଙ୍କା ଲାଭ ହୋଇଛି । କେବଳ ୨୦୨୩-୨୪ ଆର୍ଥିକ ବର୍ଷରେ ସୁନ୍ଦରଗଡ଼ ସିସିବିରୁ ସର୍ବାଧିକ ୨୫ କୋଟି ୮୮ ଲକ୍ଷ ୫୭ ହଜାର ଲାଭ ହୋଇଛି । ଏହାପରେ କଟକ ସିସିବିରୁ ଦ୍ୱିତୀୟ ସର୍ବାଧିକ ୨୧ କୋଟି ୧ ଲକ୍ଷ ୫୩ ହଜାର ଏବଂ ତୃତୀୟ ସର୍ବାଧିକ ୧୪ କୋଟି ୪୧ ହଜାର ଲାଭ ହୋଇଛି। ସେହିପରି ସର୍ବନିମ୍ନ ପୁରୀ ସିସିବିରୁ ମାତ୍ର ୨୦ ଲକ୍ଷ ୨୨ ହଜାର ଟଙ୍କା ଲାଭ ହୋଇଛି । ବ୍ୟାଙ୍କ ଗୁଡ଼ିକରୁ ଅଧିକ ଲାଭ କରିବା ପାଇଁ କ୍ଷୁଦ୍ର, ମଧ୍ୟମ ଓ ଦୀର୍ଘକାଳୀନ ଋଣ ପ୍ରଦାନ କରାଯିବା ସହ ଖିଲାପକାରୀଙ୍କ ଠାରୁ ଋଣ ଆଦାୟ ପ୍ରକ୍ରିୟା ଜାରି ରହିଛି । ଗ୍ରାହକଙ୍କୁ ଲକର୍ ସୁବିଧା, ଏନ୍‌ଇଏଫ୍‌ଟି ଓ ଆଇଟିଜିଏସ୍ ସେବା ପ୍ରଦାନ କରି କମିସନ୍ ଅର୍ଥ ଲାଭ କରାଯାଉଛି । ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ।

# ଶିକ୍ଷା ପଦ୍ଧତିରେ ଯୁଗାନ୍ତକାରୀ ପଦକ୍ଷେପ



**କଟକ, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରଚଳନର ୪ର୍ଥ ବାର୍ଷିକ ପାଳନ ଅବସରରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଦେଶ ଓ ରାଜ୍ୟ ମାନଙ୍କରେ ଶିକ୍ଷା ସପ୍ତାହ ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସମଗ୍ର କଟକ ଜିଲ୍ଲାରେ ଜୁଲାଇ ୨୨ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସପ୍ତାହ ପାଳନ କରାଯାଉଛି । ଶିକ୍ଷା ଶିକ୍ଷଣ କାର୍ଯ୍ୟକୁ ଆକର୍ଷଣ କରାଯିବା ସହ ଏଥିରେ ନୂତନତା ଅବଲୋମ୍ବନ କରି ଶିକ୍ଷା ପଦ୍ଧତିରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି । ଏହି ଶିକ୍ଷା ସପ୍ତାହ ପାଳନ ଅୟମାରମ୍ଭରେ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଶିକ୍ଷା ଶିକ୍ଷଣ କାର୍ଯ୍ୟର ଉପକରଣ ସମ୍ବନ୍ଧୀୟ ସୂଚନା ତଥା ଜ୍ଞାନକୌଶଳ ପ୍ରୟୋଗ ସମ୍ବନ୍ଧୀତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରି ସାମୁହିକ ଶିକ୍ଷାର କିପରି ଅଗ୍ରଗତି ହୋଇପାରିବ ଏଥି ନିମନ୍ତେ ଶିକ୍ଷାଦାତା, ଶିକ୍ଷାନୀତି ପ୍ରୟୋଗଧାରୀ ତଥା ଶିକ୍ଷାପଦ୍ଧତିରେ ସହଭାଗିଦାରିତା ମାନଙ୍କ ମଧ୍ୟରେ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ସନ୍ତୋଷ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜିକା ସରିତା ଶତପଥି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଏହି କାର୍ଯ୍ୟକ୍ରମର ତଦାରଖ କରିଥିଲେ ।

# ଘର ମାଲିକଙ୍କୁ ବଜେଟ୍ ଝଟ୍‌କା:ଘର ଭଡ଼ା ଆୟ ଉପରେ ଲାଗିବ ଟିକସ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ସଂସଦରେ ବଜେଟ୍ ଆଗତ କରିଛନ୍ତି । ତେବେ ଅର୍ଥମନ୍ତ୍ରୀ ଏହି ବଜେଟ୍‌ରେ ଏମିତି କିଛି ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ଆଗାମୀ ଦିନରେ ଘର ମାଲିକମାନଙ୍କ ଆୟକର ଆକାରରେ ବଡ଼ ଝଟ୍‌କା ଦେବ । ବିଶେଷ କରି ଆବାସିକ ଘର ଭଡ଼ା ଦେଇଥିବା ମାଲିକାମାନେ ଏଥିରେ ଝଟ୍‌କା ପାଇବେ । ବଜେଟ୍‌ରେ ଭଡ଼ା ଆୟ ଉପରେ ନୂଆ ବ୍ୟବସ୍ଥା କରାଯାଇଛି । ଯଦି ଆପଣ ଜଣେ ଘର ମାଲିକ ଆଉ ସେଥିରୁ ଭଡ଼ା ବାବଦରେ କିଛି ଅର୍ଥ ଆୟ କରୁଛନ୍ତି ତେବେ ଆପଣଙ୍କ ଆୟ ଏବେ ଆବାସିକ ଘର ଭଡ଼ା 'ଇନ୍‌କମ୍ ଫ୍ରମ୍ ହାଉସ୍ ପ୍ରପର୍ଟି' ଶ୍ରେଣୀଭୁକ୍ତ ହେବ । ବଜେଟ୍ ଦସ୍ତାବିଜ୍ ଅନୁଯାୟୀ, ଆବାସିକ ସମ୍ପତ୍ତି ଉପରେ ଆସୁଥିବା ଭଡ଼ା ଆୟକୁ ବର୍ତ୍ତମାନ 'ଇନ୍‌କମ୍ ଫ୍ରମ୍ ହାଉସ୍ ପ୍ରପର୍ଟି' ବା 'ଘର ସମ୍ପତ୍ତିରୁ ଆୟ' ଭାବରେ ଦର୍ଶାଇବାକୁ ପଡିବ । ଯାହାକୁ ଏପର୍ଯ୍ୟନ୍ତ ବ୍ୟକ୍ତିଗତ ଟିକସଦାତାମାନେ ବ୍ୟବସାୟ ଆୟ ଭାବରେ ଦେଖାଇଆସୁଥିଲେ ।



ଏହାଦ୍ୱାରା ସେମାନଙ୍କୁ ଟିକସ ଛାଡ଼ର ଲାଭ ମିଳିଯାଉଥିବ । ଏଣିକି ଘର ମାଲିକମାନେ 'ଆବାସିକ ସମ୍ପତ୍ତିରୁ ହେଉଥିବା ଆୟକୁ 'ଇନ୍‌କମ୍ ଫ୍ରମ୍ ହାଉସ୍ ପ୍ରପର୍ଟି' ଭାବେ ଦେଖାଇବେ । ଏହାଫଳରେ ଆୟକରରେ ଘର ମାଲିକମାନେ ପାଉଥିବା ରିହାତି ଆଉ ମିଳିବନାହିଁ । ଆୟକର ଅଧିନିୟମର ଧାରା ୨୮ରେ ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ଆବାସିକ ସମ୍ପତ୍ତି ଭଡ଼ାରୁ ଆୟକୁ 'ଘର ସମ୍ପତ୍ତିରୁ ଆୟ ଶ୍ରେଣୀଭୁକ୍ତ କରାଯିବା ଉଚିତ୍ । ଏହି ସଂଶୋଧନ ୨୦୨୫ ଏପ୍ରିଲ୍ ପହିଲାରୁ କାର୍ଯ୍ୟକାରୀ ହେବ । ବାସ୍ତବରେ, ଅନେକ ଜମି ମାଲିକ ବ୍ୟବସାୟ ଏବଂ ବୃତ୍ତି ବର୍ଗରେ ଭଡ଼ା ଆୟ କରନ୍ତି, ଯେତେବେଳେ କି ଏହାକୁ ଘର ସମ୍ପତ୍ତି ବର୍ଗରେ ରଖାଯିବା ଉଚିତ୍ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍‌ରେ କହିଛନ୍ତି ଯେ ଆୟକର ଅଧିନିୟମରେ ଏକ ସଂଶୋଧନ କରାଯାଇଛି, ଯାହା ସ୍ପଷ୍ଟ କରେ ଯେ ଆବାସିକ ସମ୍ପତ୍ତିରୁ ଭଡ଼ା ଆୟ ବାଧ୍ୟତାମୂଳକ ଭାବରେ ଘର ସମ୍ପତ୍ତିରୁ ଆୟ ଭାବରେ ବର୍ଗୀକୃତ ହେବା ଉଚିତ୍, ବ୍ୟବସାୟ କିମ୍ବା ବୃତ୍ତିରୁ ଲାଭ ନୁହେଁ ଅଦ୍ୟାବଧି, ଜମିମାଲିକ ଯେଉଁମାନେ ଭଡ଼ା ଆୟକୁ ବ୍ୟବସାୟ କିମ୍ବା ବୃତ୍ତି ଭାବରେ ଦେଖାଉଥିଲେ ସେମାନେ ଏପରି ଖର୍ଚ୍ଚ ଦେଖାଇ ଟିକସ ରିହାତି ନେଉଥିଲେ । ଏହା ସେମାନଙ୍କର ଟିକସଯୋଗ୍ୟ ଆୟ ହ୍ରାସ କରୁଥିଲା । ଉଦାହରଣ ସ୍ୱରୂପ, ରକ୍ଷଣାବେକ୍ଷଣ ଓ ମରାମତି ଭଳି କାର୍ଯ୍ୟ ସେମାନଙ୍କ ଉପରେ ଏକ ଅତିରିକ୍ତ ଭାର ପକାଉଛନ୍ତି । ଆୟକରରେ ଘର ମାଲିକ ଏହାର ଡିଡକ୍‌ସନ୍ ରିକ୍ଲେମ୍ ବା ରିଆତି ଦାବି କରି ରିଫଣ୍ଡ ନେଇଯାଉଥଲେ । ଅର୍ଥମନ୍ତ୍ରୀଙ୍କ ହିସାବରେ ଏହା ଏକ ଭୁଲ୍ ରିଆତି ।

# ସୀମାରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମ ବିଫଳ

**ଜମ୍ମୁ, ନ୍ୟୁଜ୍ ବ୍ୟୁରୋ**

ଜମ୍ମୁ କଶ୍ମୀରର ପୁଞ୍ଛ ଜିଲ୍ଲାରେ ମଙ୍ଗଳବାର ଭୋର୍ ସମୟରେ ସେନା ନିୟନ୍ତ୍ରଣ ରେଖା ନିକଟରେ ଆତଙ୍କବାଦୀ ଅନୁପ୍ରବେଶ ବିଫଳ କରିଛି । ଏହି ସମୟରେ ଗୁଳି ବିନିମୟରେ ଜଣେ ଯବାନ ଆହତ ହୋଇଛନ୍ତି । ହ୍ୱାଇଟ୍ ନାଇଟ୍ କୋର୍ ଏକ୍ସରେ କହିଛି ଯେ, ସତର୍କ ସୈନିକମାନେ ଭୋର୍ ୩ଟା ବେଳେ ବଟ୍ଟଲ ସେକ୍ଟରରେ ଅନୁପ୍ରବେଶ କରୁଥିବା ଆତଙ୍କବାଦୀଙ୍କ ଉପରେ ଗୁଳି ଚଳାଇ ଅନୁପ୍ରବେଶକୁ ବିଫଳ କରିଛନ୍ତି । ପ୍ରବଳ ଗୁଳି ବିନିମୟ କାରଣରୁ ଜଣେ ଯବାନ ଆହତ ହୋଇଛନ୍ତି । ସୂତ୍ର ମୁତାବକ ଅସ୍ତ୍ରଶସ୍ତ୍ରଧାରୀ ଆତଙ୍କବାଦୀଙ୍କ ଏକ ଗୋଷ୍ଠୀ କୃଷ୍ଣାଘାଟି ସେକ୍ଟରର ବଟ୍ଟଲ ଅଞ୍ଚଳରେ ପ୍ରବେଶ ଉଦ୍ୟମ କରୁଥିଲେ କିନ୍ତୁ ସତର୍କ ଯବାନାମାନେ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏହାପରେ ସ୍ଥାନୀୟ ଅଞ୍ଚଳରେ ତଲାସୀ ଅଭିଯାନ ଜୋରଦାର୍ କରାଯାଇଛି ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ୪ ବର୍ଷରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣା ବୃଦ୍ଧି

ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡ଼ା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍‌ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍‌ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍‌ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍‌ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍‌ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡ଼ିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍‌ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ବଢ଼ୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡ଼ୁ ନ ଥିବାବେଳେ ଏ ଯାଏ ବେକାରି ବେଡ଼ିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

# କାବ୍ୟ କୌଣ୍ଡିନ୍ୟ–୫୨

## ଏଣୁ ତେଣୁ



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ସୋମାଙ୍କ ପିତାମାତାଙ୍କ ବାତ୍ସଲ୍ୟପୂର୍ଣ୍ଣ ଭାବନା

ପୂର୍ବ ବିଷୟବସ୍ତୁ ଅନୁଯାୟୀ କଳିଂଗ ବୀର କୌଣ୍ଡିନ୍ୟ ଭାବୀ ମହାରାଣୀ ସୋମା (ନେଆଙ୍ଗ୍ ନିକ୍) ସହ ଅଭିଷେକ ପୂର୍ବରୁ ମଂଚରେ ଥିବା ଜଗନ୍ନାଥ ମୂର୍ତ୍ତିଙ୍କୁ ପ୍ରାର୍ଥନା କରୁଥିଲେ। ତା'ପରେ ସୋମାଙ୍କ ଅଭିଷେକ ପୁରୋହିତିବେଶୀ କୌଣ୍ଡିନ୍ୟ କରିବା କଥା। କିପରି ଆରମ୍ଭ କରିବି ସେ ବିଷୟକୁ ଅଳ୍ପ କିଛି ଦିନ ଚିନ୍ତା କରି ମଧ୍ୟ ସିଦ୍ଧାନ୍ତରେ ଉପନୀତ ହେବାରେ ଅକ୍ଷମ ରହିଲି। କିନ୍ତୁ ଦିନେ ଗଭୀର ଚିନ୍ତା କରି କରି ରାତ୍ରରେ ନିଦ୍ରାଗତ ଗଲି ମଧ୍ୟରାତ୍ର ପରେ ହଠାତ୍ ନିଦ୍ରାଭଂଗ ହୋଇଗଲା। କିନ୍ତୁ ଏ କ'ଣ ହେଲା ? ସେ ସମୟରେ ଏକ ଗୀତ ମୋ ମନକୁ ବାରମ୍ବାର ଆସିଲା। ତାହା ହେଲା ଶୈଶବରେ ଗ୍ରାମ୍ୟ ମୌଳିକ (ବେସିକ୍) ବିଦ୍ୟାଳୟର ସାନ ବା ବଡ ଶିଶୁ ଶ୍ରେଣୀରେ ଗୁରୁଜୀମାନେ ପଢାଇଥିବା ଏକ ପୁରାତନ ଗୀତ। ସେ ଗୀତ ମନରେ ଲାଖି ରହିବାରୁ ହଠାତ୍ ମନକୁ ଆସିଲା ଯେ ଏ କ'ଣ ମୋ ପରବର୍ତ୍ତୀ ଗୀତ ଲେଖିବା ପାଇଁ ଅନ୍ତରାତ୍ମାର ନିର୍ଦ୍ଦେଶ ନୁହେଁ କି ?

ଗୀତଟି ହେଲା, "ଆ ଜହ୍ନମାମୁଁ ଶରଦ ଶଶୀ, ମୋ କାହ୍ନୁ ହାତରେ ପଡରେ ଖସି'। ଗୀତଟି ବାତ୍ସଲ୍ୟ ରସରେ ଯଶୋଦାଙ୍କ ମୁଖରୁ ଶିଶୁ କୃଷ୍ଣଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଟିକିଏ ଭାବିଲି। ଅଭିଷେକ ମଂଚରେ ଦୃଶ୍ୟ ଦେଖିବାକୁ ମିଳିଲା। ସତରେ ସେଠି ସୋମାଙ୍କର ମାତା ପିତା ଆସୀନ ଅଛନ୍ତି। ଏପରି ସମୟରେ କେଉଁ ବାପ ମା'ର କନ୍ୟା ପ୍ରତି ବାତ୍ସଲ୍ୟ ମମତା ଆସିବ ନାହିଁ ? ଅତଃ ଗୀତର ବିଷୟବସ୍ତୁ ଓ ତା'ର ପ୍ରାରମ୍ଭିକ ପଦ ମିଳିଗଲା। ଏହି ଗୀତର ଆଉ କୌଣସି ପଦ ମନରେ ନଥିବାରୁ ସେ ଗୁଡ଼ିକର ପ୍ରଭାବ ମୋ ଉପରେ ନ ପଡିବା ସ୍ୱାଭାବିକ। ତେଣୁ ଏ ଆଦ୍ୟ ପଦଟିର ଅଳ୍ପ କିଛି ପରିବର୍ତ୍ତନ କରି ନିମ୍ନମତେ ତେଣୁ ସମଗ୍ର ଗୀତଟି ଲେଖିଦେଲି।

ପୁରାତନ ଗୀତଟିର ଆଦ୍ୟ ଅକ୍ଷର କୌଣସି ଏକ ନିର୍ଦ୍ଦିଷ୍ଟ ଅକ୍ଷର ରହିଥିବାର ନିୟମରେ ଆବଦ୍ଧ ନଥିଲେ ମଧ୍ୟ ମୋ ଚଳିତ ଗୀତଟି ପୂର୍ବରିତିରେ ଲେଖାଯାଇଛି। ସମଗ୍ର ଗୀତର ପ୍ରତ୍ୟେକ ଧାଡିର ପ୍ରଥମ ଭାଗର ଆରମ୍ଭ ଅ/ଆ ଅକ୍ଷର ଓ ଦ୍ୱିତୀୟ ଭାଗ ଶ/ସ ଅକ୍ଷରରେ ହୋଇଅଛି।

ଆସ ଜହ୍ନମାମୁଁ
ଶରଦ ଶଶୀ

| | | |
|---|---|---|
| ଆମଝିଅ ହାତେ ପଡ | ଶୀଘ୍ର ଯେ ଖସି | (୧) |
| ଅତି ଅଲିଅଳୀ ଥିଲା | ସେ ସୁକୁମାରୀ | |
| ଆକାଶେ ବିଜୁଳି ଦେଖି | ସେ ଯାଏ ଡରି | (୨) |
| ଅମାନୋଇ ଅଳସୋଇ | ସବୁ କଥାରେ | |
| ଆମ ଚିନ୍ତା କି କରିବ | ସେ ଜୀବନରେ | (୩) |
| ଅବଧାନ ବିଦ୍ୟାଳୟେ | ସଦା ଚିନ୍ତିତ | |
| ଆଶୁ କିପରି ହେବ ସେ | ଶିକ୍ଷା ପ୍ରାପତ | (୪) |
| ଅତି ଶ୍ରମେ ଆଣିଲେ ତା' | ସମୟ ଜ୍ଞାନ | |
| ଆସିଲା କ୍ରମଶଃ ତା'ର | ଶିକ୍ଷାରେ ଧ୍ୟାନ | (୫) |
| ଅଗ୍ରସର ସେ ଶାସ୍ତ୍ରାଦି | ସର୍ବ ବିଦ୍ୟାରେ | |
| ଆସିଲା କମ୍ବୁଜ ରାଜ୍ୟ | ଶିକ୍ଷା ଶେଷରେ | (୬) |
| ଅକସ୍ମାତ୍ ମିଳିଲେ ତା' | ସାଥୀ କୌଣ୍ଡିନ୍ୟ | |
| ଆଶ୍ରାରେ ତାଙ୍କ ଗଢିଲା | ସୁସଂଗଠନ | (୭) |
| ଆଣିବାକୁ କମ୍ବୁଜରେ | ସେ ସୁଶାସନ | |
| ଆସୀନ ହେଉଛି ଆଜି | ସେ ସିଂହାସନ | (୮) |
| ଅପେକ୍ଷା କରୁଛୁ ତାହା | ଶୀଘ୍ର ଦେଖିବୁ | |
| ଆସିଲେ ସେ ସମୟ | ସୁଖେ ନାଚିବୁ | (୯) |
| ଆମ ଛୋଟ ଝିଅ ଏତେ | ସତରେ ଉଚ୍ଚ | |
| ଅବିଶ୍ୱାସ ଲାଗେ ତାହା | ସତ କି ମିଛ | (୧୦) |
| ଆଶୀର୍ବାଦ ଯେ ସେ କରୁ | ଶକ୍ତ ଶାସନ | |
| ଆମ ବଂଶର ବଢାଉ | ସମ୍ମାନ ମାନ | (୧୧) |
| ଅର୍କ ମୁକୁଟ କରୁ ତା' | ଶିର ଶୋଭନ | |
| ଅ ଆ ଶ ସ ରେ ଲେଖେ ଶ୍ରୀ | ଦୁର୍ଗାଚରଣ | (୧୨) |

**ଶବ୍ଦାର୍ଥ :**
**ପଦ (୪)ରୁ (୧୧) :** ଅବଧାନ-ପୁରାତନ କାଳର ଶିକ୍ଷକ। ଆଶୁ-ଶୀଘ୍ର।
**ପଦ (୧୨) :** ଅର୍କ-ସୂର୍ଯ୍ୟ (କୌଣ୍ଡିନ୍ୟ ସୂର୍ଯ୍ୟ ବଂଶର ଥିଲେ)।



# ଆଦର୍ଶ ଗୁରୁଙ୍କ ଜୀବନରୁ ଶିକ୍ଷା



**ଆଶୁତୋଷ ନାୟକ**
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଇତିହାସର ପୃଷ୍ଠାକୁ ଆଲୋଚନା ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏଯେ ଆଦର୍ଶ ଗୁରୁଙ୍କ ଆଶୀର୍ବାଦ ବିନା ମନୁଷ୍ୟ ସଫଳତାର ଶୀର୍ଷରେ ପହଞ୍ଚିବା ଅସମ୍ଭବ। ମନୁଷ୍ୟର ଜୀବନକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ କରିବାରେ ଆଦର୍ଶ ଗୁରୁଙ୍କ ଭୂମିକା ଅବର୍ଣ୍ଣନୀୟ। ମହାନ ସ୍ୱାଧୀନତା ସଂଗ୍ରାମୀ ଜାତିର ପିତା ମହାତ୍ମାଗାନ୍ଧୀ, ମହାପୁରୁଷ ଦିବ୍ୟପୁରୁଷ ତଥା ବିଦ୍ୱାନୀ ସନ୍ଥ ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ଆରମ୍ଭକରି କ୍ରିକେଟର ଭଗବାନ କୁହାଯାଉଥିବା ଭାରତରତ୍ନ ଉପାଧି ହାସଲ କରିଥିବା ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକର ପର୍ଯ୍ୟନ୍ତ ଏପରି ଅନେକ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଏବଂ ସୁପ୍ରତିଷ୍ଠିତ କରିପାରିଛନ୍ତି। ସେମାନଙ୍କ ସଫଳତା ପଛରେ ରହିଛି ତାଙ୍କ ଗୁରୁଙ୍କର ପ୍ରମୁଖ ଭୂମିକା। ଏହାକୁ କେହିକେବେ ଅସ୍ୱୀକାର କରିପାରିବେ ନାହିଁ।

ଅର୍ଜୁନଙ୍କ ରଥର ସାରଥୀ ସାଜି ଭଗବାନ ଶ୍ରୀକୃଷ୍ଣ ସାରା ମାନବ ସମାଜକୁ ଏହି ବାର୍ତ୍ତା ଦେଇଛନ୍ତି ଯେ ଆଦର୍ଶ ଗୁରୁଙ୍କ ବିନା ଜୀବନରେ ସଫଳତା ପାଇବା ଅସମ୍ଭବ। ଗୁରୁଙ୍କ ଆଶୀର୍ବାଦ ରହିଲେ ସବୁ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ। ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ଶିଷ୍ୟ ଭାବରେ ବିବେଚନା କରିଥିବାରୁ ତାଙ୍କୁ ନିଜର ଦିବ୍ୟଦୃଷ୍ଟି ପ୍ରଦାନ କରିଥିଲେ। ଏହି ଦିବ୍ୟଦୃଷ୍ଟି ବଳରେ ଅର୍ଜୁନ ଭଗବାନଙ୍କ ବିରଳ ବିଶ୍ୱରୂପ ଦେଖିବାକୁ ସମର୍ଥ ହୋଇଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଅପାର କରୁଣା ଆଶୀର୍ବାଦ ବଳରେ ମହାଭାରତ ଯୁଦ୍ଧରେ ବିଜୟ ଲାଭ କରିବାକୁ ପଞ୍ଚ ପାଣ୍ଡବ ସମର୍ଥ ହୋଇଥିଲେ ଏବଂ ବିଧର୍ମୀ ମହାପରାକ୍ରମଶାଳୀ କୌରବସେନାଙ୍କ ବଂଶ ନିପାତ କରିଥିଲେ। ଏକବିଂଶ ଶତାବ୍ଦୀର ମନୁଷ୍ୟ ଆଧୁନିକ ପାଶ୍ଚାତ୍ୟ ସଭ୍ୟତାକୁ ଅନୁସରଣ କରି ନିଜ ଜୀବନକୁ ରଙ୍ଗୀନ କରିବା ଲକ୍ଷ୍ୟରେ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇବା ଆଶାରେ ଆଧୁନିକତାର ମାୟା ଜାଲରେ ବୁଢ଼ୀଆଣୀ ବସା ପରି ଛନ୍ଦି ହୋଇପଡୁଛି। ଅଳ୍ପ ପରିଶ୍ରମରେ ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ଅର୍ଜନ କରିବା ଅଭିଳାଷାରେ ମନୁଷ୍ୟ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯେପରି ହତ୍ୟା, ଲୁଣ୍ଠନ, ଚୋରି, ଡକାୟତି, ଅପହରଣ ପରି କୁକର୍ମ କରୁଛି। ପରିଶେଷରେ ସେ ନିଜେ ବିପଦରେ ପଡିବା ସହିତ ତାର ହସଖୁସିର ପରିବାରକୁ ନର୍କ କରିଦେଉଛି। ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି।

**'ଆପଣା ହସ୍ତେ ଜିହ୍ୱା ଛେଦି,**
**କେ ଅଛି ତାର ପ୍ରତିବାଦୀ '**

ତେଣୁ ମନୁଷ୍ୟକୁ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକରେ ପରିଚାଳିତ କରିବା ପାଇଁ ଆଦର୍ଶ ଗୁରୁଙ୍କ ସାନିଧ୍ୟ ପାଇବା ଅତ୍ୟନ୍ତ ଆବଶ୍ୟକ। ଆଦର୍ଶ ଗୁରୁ ହେଉଛନ୍ତି ଆମର ପଥ ପ୍ରଦର୍ଶକ, ମାର୍ଗଦର୍ଶକ, ବନ୍ଧୁ, ସଖା। ତାଙ୍କ ଉପଦେଶ, ନୀତି, ଆଦେଶ ମାନିବା ଆମର କର୍ତ୍ତବ୍ୟ, ଆମେ ତାଙ୍କର ଆଜ୍ଞାଧୀନ। ସେଥିପାଇଁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ନିଜର ମୁଖ ନିଃସୃତ ବାଣୀ ଭଗବତ ଗୀତାରେ ଅର୍ଜୁନଙ୍କୁ କହିଛନ୍ତି

**'ଗୁରୁ ନଧରି ଅର୍ଜୁନ**
**କାହୁଁ ପାଇବୁ ସଦଜ୍ଞାନ '।**

ଏକବିଂଶ ଶତାବ୍ଦୀର ମନୁଷ୍ୟ ଆଦର୍ଶ ଗୁରୁଙ୍କ ଠାରୁ ଦୂରେଇ ଯାଇ ଅସତ୍ୟ, ଛଳନା, ହିଂସା, କପଟତା, ଅଧର୍ମର ସାହାରା ନେଉଛି ଏବଂ ଧୀରେ ଧୀରେ ତାମନରୁ ମାନବିକତା, ସ୍ନେହ, ପ୍ରେମ, ଦୟା, କ୍ଷମା, କରୁଣା ଲୋପ ପାଉଛି। ସେଥିପାଇଁ ନିଜର ରକ୍ତ ସମ୍ପର୍କୀୟ ଜନ୍ମଦାତା ପିତା ଏବଂ ଜନ୍ମଦାତ୍ରୀ ମାତାଙ୍କୁ ମଧ୍ୟ ଆଜିର ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ଅକଥନୀୟ ଅତ୍ୟାଚାର କରୁଛି। ଅନେକ ସମୟରେ ସେ ନିରୀହ ପିତାମାତାଙ୍କୁ ହତ୍ୟା କରୁଛି, ସାମାନ୍ୟ ଟଙ୍କା, ଜମିବାଡ଼ି ପାଇଁ ନିଜର ରକ୍ତ ସମ୍ପର୍କୀୟଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ। ନୈତିକ ମୂଲ୍ୟବୋଧ ଅଭାବ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ, ବିଶୃଙ୍ଖଳିତ ଅସାମାଜିକ ବ୍ୟକ୍ତିଙ୍କ ପରୋଚନା ରେ ପଡି ମନୁଷ୍ୟର ଜୀବନ କଳୁଷିତ ହେବାର ଲାଗିଛି। ସେଥିପାଇଁ ଅନେକାଂଶରେ ଆମ ଶିକ୍ଷା ବ୍ୟବସ୍ଥା ଦାୟୀ।

ନୈତିକ ମୂଲ୍ୟବୋଧର ଶିକ୍ଷା ଏବେ ଅତ୍ୟନ୍ତ ଆବଶ୍ୟକ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଆଦର୍ଶ ଗୁରୁଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଜୀବନରେ ଏହାକୁ ଉପଯୋଗ କରିପାରିଲେ ଆମ ଜୀବନ ଶୃଙ୍ଖଳିତ, ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ସେଥି ପାଇଁ କୁହାଯାଇଛି

**'ଶାନ୍ତ ଓ ସରଳ ସ୍ୱଭାବ ଯାହାର,**
**ସୁମଧୁର ଯାର ଭାଷା,**
**ପଢ଼ାନ୍ତି ସେ ପାଠ ଦେଖାନ୍ତି**
**ସେ ବାଟ ଆଣନ୍ତି ନବୀନ ଆଶା।**
**ସେନେହ ବରଷି ପ୍ରେମକୁ ପରସି,**
**କିଣନ୍ତି ଶିଶୁଙ୍କ ମନ।**
**ଅଜ୍ଞାନ ବାଳୁତ ଚକ୍ଷୁ ଲାଭ କରେ,**
**ଦିବ୍ୟ ଜ୍ଞାନଜ୍ୟୋତି ପାଇ।**
**ଗୁରୁଙ୍କ ପ୍ରୟାସେ ମୃଣୟ ପିଣ୍ଡୁଳା,**
**ସୁଗଠିତ ପାତ୍ର ହୋଇ।**
**କେତେ ଦୁଷ୍ଟମନା ଶିଷ୍ଟ ହୋଇଯାନ୍ତି,**
**ଛାଟର ପ୍ରହାର ଖାଇ।**
**ବିଜ୍ଞ ଗୁଣୀ ହୋଇ ପ୍ରତିଷ୍ଠା ପାଆନ୍ତି,**
**ତାଙ୍କର ଆଶିଷ ପାଇ।**

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି। ସବୁକିଛି ସୁଖ ସ୍ୱାଚ୍ଛନ୍ଦ୍ୟ, ଦାମୀ ଗାଡ଼ି, ସୁରମ୍ୟ ଅଟ୍ଟାଳିକା, ସୁନା, ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଆବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ,ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି। ଏହାର ଅନେକ ଦୃଷ୍ଟାନ୍ତ ରହିଛି। ବିଦ୍ୟା କେବେ ପୁଳା ପୁଳା ଟଙ୍କା ଏବଂ ବାଟି ବାଟି ସମ୍ପତ୍ତି ଅର୍ଜନ କରିବାକୁ ଶିକ୍ଷା ଦିଏ ନାହିଁ। ମନ ଭିତରେ ଅହଂ ଭାବନା ଆସିଲେ ଆମର ଶିକ୍ଷା ମୂଲ୍ୟହୀନ। ଉଦାରବାଦୀ, ନିର୍ଭିକ, ସରଳ, ନମ୍ର, ବ୍ୟକ୍ତି ହି ପ୍ରକୃତ ଆଦର୍ଶ ଶିକ୍ଷକ ପଦବାଚ୍ୟ। ପ୍ରକୃତିର ଜୀବଜନ୍ତୁ, କୀଟପତଙ୍ଗ ଠାରୁ ଆରମ୍ଭ କରି ଉଦ୍ଭିଦ ପର୍ଯ୍ୟନ୍ତ ଆମକୁ ବହୁତ କିଛି ଶିକ୍ଷା ମିଳେ। ବିନମ୍ରତା ସହନଶୀଳତା ଆମକୁ ଉଦ୍ଭିଦ ଠାରୁ ଶିକ୍ଷା ମିଳିଥାଏ। ପରିଶ୍ରମ, ନିଷ୍ଠା, ଉଦ୍ୟମ ଆମକୁ ମହୁମାଛି ଶିକ୍ଷା ଦେଇଥାଏ। ଜନ୍ଦା, ପିମ୍ପୁଡ଼ିଙ୍କ ପରି ଛୋଟ କୀଟପତଙ୍ଗ ମାନଙ୍କଠାରୁ ଶୃଙ୍ଖଳିତ ଜୀବନ ଶୈଳୀର ଶିକ୍ଷା ମିଳିଥାଏ। ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁରଠାରୁ ଆମକୁ ବିଶ୍ୱସ୍ତତା ଶିକ୍ଷା ମିଳିଥାଏ। ଦୁବ ଘାସକୁ ଲୋକମାନେ ପାଦରେ ଦଳି ଦିଅନ୍ତି, କିନ୍ତୁ ଦୁବ ଘାସ ଛୋଟ ହେଲେ ବି ଈଶ୍ୱରଙ୍କ କାର୍ଯ୍ୟରେ ଲାଗି ଥାଏ। ଦୁବ ଘାସ ଠାରୁ ଆମକୁ ସହନଶୀଳତାର ଶିକ୍ଷା ମିଳେ। ଉଚ୍ଚ ପର୍ବତ ମାଳା ଆମକୁ ବହୁତ କିଛି ଶିକ୍ଷା ଦିଏ। ମନୁଷ୍ୟ ଜୀବନ ରେ ଘଟୁଥିବା ଦୁଃଖ, କଷ୍ଟ, ବାଧା, ବିଘ୍ନ, ଘାତ ପ୍ରତିଘାତକୁ କିପରି ସାହସର ସହିତ ମୁକାବିଲା କରିବାକୁ ହୁଏ ତାହା ପର୍ବତ ଠାରୁ ଶିକ୍ଷା ମିଳେ। ବିଶାଳ ସାଗର ମନୁଷ୍ୟକୁ ସ୍ଥିତପ୍ରଜ୍ଞ ହେବା ପାଇଁ ଶିକ୍ଷା ଦିଏ। ଉଭୟ ସୁଖ ଓ ଦୁଃଖରେ ନିର୍ବିକାର ଅର୍ଥାତ ମନୁଷ୍ୟର ଆଚରଣ ଓ କାର୍ଯ୍ୟରେ କୌଣସି ପରିବର୍ତ୍ତନ ହେବା ଉଚିତ ନୁହଁ। ସେଥିପାଇଁ ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ଈଶ୍ୱରଙ୍କର ସୁନ୍ଦର ସୃଷ୍ଟି ପ୍ରକୃତିରୁ ଶିକ୍ଷା ଗ୍ରହଣ କରି ନିଜର ଆଚରଣକୁ ପରିମାର୍ଜିତ କରିବା ଉଚିତ। ଏହି କାର୍ଯ୍ୟ କରିପାରିଲେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ ଭାବେ ନିଜକୁ ପ୍ରତିପାଦିତ କରିପାରିବ। ଏଥିରେ ସଂନ୍ଦେହର କୌଣସି ଅବକାଶ ନାହିଁ।

ସୁସ୍ଥ ସମାଜ ଗଠନ କରିବାରେ ତଥା ରାଷ୍ଟ୍ରକୁ ସର୍ବଶ୍ରେଷ୍ଠ ଗଢି ତୋଳିବାରେ ଆଦର୍ଶ ଶିକ୍ଷକଙ୍କର ଭୂମିକା ଅତୁଳନୀୟ। କଥାରେ ଅଛି ମାଛଟିଏ ଦାନ କରି ଆପଣ କେବଳ ଗୋଟିଏ ଥର ପାଇଁ କିଛି ବ୍ୟକ୍ତିଙ୍କର କ୍ଷୁଧା ନିବାରଣ କରି ପାରନ୍ତି, କିନ୍ତୁ ମାଛ ଧରିବାର ଉପାୟ ଶିକ୍ଷା ଦେଇ ଆପଣ ସେମାନଙ୍କୁ ସବୁଦିନ ପାଇଁ ଆତ୍ମନିର୍ଭରଶୀଳ କରିପାରିବେ, ଯାହା ଫଳରେ ସେମାନେ ନିଜ ଖାଦ୍ୟର ବ୍ୟବସ୍ଥା ନିଜେ କରିବା ପାଇଁ ଯୋଗ୍ୟ ଏବଂ ସମର୍ଥ ହୋଇପାରିବେ। ସେହିପରି ଶିକ୍ଷକ ହେଉଛନ୍ତି ଭବିଷ୍ୟତର ନିର୍ମାତା, ଯିଏ ଏକ ପ୍ରଦୀପ ସଦୃଶ, ନିଜେ ଜଳି ଅନ୍ୟମାନଙ୍କ ପଥକୁ ଆଲୋକିତ କରିଥାନ୍ତି। ଜଣେ ମହାନ ଆଦର୍ଶ ଶିକ୍ଷକ କେବଳ କଥାରେ କୁହନ୍ତି ନାହିଁ, ନିଜ ଆଚରଣ ଓ କର୍ମରେ ତାହା ପ୍ରଦର୍ଶିତ କରିଥାନ୍ତି। ଶିକ୍ଷକଙ୍କର ଉଦେଶ୍ୟ ହେଉଛି ଛାତ୍ର ଛାତ୍ରୀ ମାନଙ୍କୁ ନିଜ ଭାବମୂର୍ତ୍ତିରେ ଗଢି ତୋଳିବା ନୁହେଁ ବରଂ ନିଜର ଭାବମୂର୍ତ୍ତିରେ ସୃଷ୍ଟି କରିପାରିବା ନିମନ୍ତେ ସେମାନଙ୍କୁ ଯୋଗ୍ୟ ଏବଂ ସମର୍ଥ କରିଦେବା।

ଶିକ୍ଷକ ହେଉଛନ୍ତି ବଗିଚାର ସେହି ମାଳି ସଦୃଶ, ଯିଏ କି ବଗିଚାରେ ରଙ୍ଗ ବେରଙ୍ଗ ଫୁଲରେ ସୁସଜ୍ଜିତ କରିଥାନ୍ତି। ଅର୍ଥାତ ବିଦ୍ୟାଳୟ ଯଦି ବଗିଚା ହୁଏ ସେହି ବଗିଚାର ମାଳି ହେଉଛନ୍ତି ଶିକ୍ଷକ ଏବଂ ଶିଷ୍ୟ ହେଉଛନ୍ତି ସେହି ବଗିଚାର ଫୁଲ। ଫୁଲର ରଙ୍ଗ ହେଉଛି ସେହି ବିଦ୍ୟାର୍ଥୀଙ୍କ ଉଜ୍ଜଳ ଭବିଷ୍ୟତ, ଅର୍ଥାତ କିଏ କଣ ହେବ। ଏ ବିଶ୍ୱବ୍ରହ୍ମାଣ୍ଡରେ ଯିଏ ଯେତେ ବଡ଼ ପଦବୀରେ ଅଧିଷ୍ଠିତ ହୋଇଥାଉ ନା କାହିଁକି ତାର ସଫଳତା ପଛରେ ଆଦର୍ଶ ଗୁରୁଙ୍କ ଭୂମିକା ନିଶ୍ଚିତ ଭାବରେ ରହିଥାଏ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। କଥା ରେ ଅଛି 'ସତ ଗୁରୁ ଯେବେ ମାରେ ଗୋଇଠା ଅନ୍ଧାର ଘରେ ଜଳେ ବଇଠା' କବିର ଦାଶ କହିଛନ୍ତି

ଗୁରୁ ଗୋବିନ୍ଦ ଦୋ ଖୋଡ଼ା, କାକେ ଲାଗୁ ପାଏଁ, ବଲହାରୀ ଗୁରୁ ଆପେଁ ଗୋବିନ୍ଦ ଦିଏୟ ମିଳାଏ 'ଏହାର ଅର୍ଥ ଯେତେବେଳେ ଗୁରୁ ଏବଂ ସ୍ୱୟଂ ଭଗବାନ ଦୁଇ ଜଣ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ। ଆପଣ ସର୍ବ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରିବେ। କାରଣ ଗୁରୁ ହିଁ ଆପଣଙ୍କର ପଥ ପ୍ରଦର୍ଶକ। ସେହିଁ କେବଳ ଗୋବିନ୍ଦ ଅର୍ଥାତ ଭଗବାନଙ୍କ ପାଖରେ ପହଁଚିବା ପାଇଁ ସଠିକ ମାର୍ଗ ଦର୍ଶାଇଥାନ୍ତି। ଶିକ୍ଷକଙ୍କୁ ସମ୍ମାନିତ କରିବା ପାଇଁ କୌଣସି ଦିନର ଆବଶ୍ୟକତା ନାହିଁ। କାରଣ ଶିକ୍ଷକ ସଦାସର୍ବଦା ଚିରନମସ୍ୟ, ଚିରପୂଜନୀୟ, ଚିରସମ୍ମାନିତ, ସର୍ବଶ୍ରେଷ୍ଠ। ତଥାପି ଅନେକ ଦେଶରେ ଶିକ୍ଷକଙ୍କୁ ସମ୍ମାନିତ କରିବା ପାଇଁ ଏକ ବିଶେଷ ଦିବସ ଘୋଷଣା କରାଯାଇଛି।

ଆମ ଦେଶରେ ଏହା ସେପ୍ଟେମ୍ବର ୫ ତାରିଖରେ ଅତି ଆଡମ୍ବର ସହକାରେ ପାଳନ କରାଯାଏ। ଡ଼କ୍ଟର ରାଧାକୃଷ୍ଣନଙ୍କର ଶିକ୍ଷା ପ୍ରତି ଭାରି ରୁଚି ଥିଲା। ସେ କୁହନ୍ତି ଶିକ୍ଷକ ବିନା ଜଣେ ବ୍ୟକ୍ତି ଲକ୍ଷ୍ୟ ସ୍ଥଳରେ ପହଁଚିବା ଅସମ୍ଭବ। ଜଣେ ଉତ୍ତମ ଆଦର୍ଶ ଶିକ୍ଷକ ତାର ବିଦ୍ୟାର୍ଥୀକୁ ସମସ୍ତ ବାଧା ବିଘ୍ନ, ଘାତ, ପ୍ରତିଘାତକୁ ସାମନା କରିବା ପାଇଁ ପ୍ରସ୍ତୁତ କରିଥାଏ। ଯାହା ଫଳରେ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ସମର୍ଥ ହୋଇଥାଏ। ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ୪୦ବର୍ଷ ବୟସରେ ଶିକ୍ଷା କ୍ଷେତ୍ରରେ ତାଙ୍କର ଜୀବନ ଅତିବାହିତ କରିଥିଲେ। ସେ ସ୍ୱାଧୀନ ଭାରତର ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ଥିଲେ। ଶିକ୍ଷା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ରହିଛି ଯାହାକୁ କିଛି ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। ତେଣୁ ତାଙ୍କ ଜନ୍ମତିଥିକୁ ଗୁରୁ ଦିବସ ରୂପେ ପାଳନ କରାଯାଏ। ଶିକ୍ଷକ ହେଉଛନ୍ତି ସୁସ୍ଥ ସମାଜ ନିର୍ମାଣକାରୀ। ଯିଏ ଆମକୁ ନୈତିକ ମୂଲ୍ୟବୋଧ ଓ ମାନବିକତା ଶିକ୍ଷା ଦେଇଥାନ୍ତି। ଯାହା ଦ୍ୱାରା ଏକ ଉନ୍ନତ ରାଷ୍ଟ୍ର ନିର୍ମାଣରେ ଏହା ସହାୟକ ହୋଇଥାଏ। ଶିକ୍ଷକଙ୍କର ମହାନତାକୁ ବର୍ଣ୍ଣନା କରିବା ପାଇଁ ଦୁନିଆର ପ୍ରତେକ ଶବ୍ଦ ତାଙ୍କ ପାଇଁ ଛୋଟ ପଡ଼ିଯିବ। 'ଶିକ୍ଷକଙ୍କୁ ନା ପ୍ରଂଶସା ଲୋଡ଼ା, ନା ତାଙ୍କୁ ସୁନା ରୁପା ମୋତି ମାଣିକ ଭଳି ଦାମୀ ଉପହାର ଲୋଡ଼ା, ତାଙ୍କୁ ତ କେବଳ ଆତ୍ମୀୟ ଶାନ୍ତି ଲୋଡ଼ା, ଆତ୍ମୀୟ ଶାନ୍ତି ଶିକ୍ଷକଙ୍କୁ ସେତେବେଳେ ମିଳେ ଯେତେବେଳେ ବିଦ୍ୟାର୍ଥୀର ଯଶଗାନ ସାରା ବିଶ୍ୱରେ ହୁଏ '।

ବିଂଶ ଶତାବ୍ଦୀର ଆଧୁନିକ ଭାରତରେ ଗୁରୁଶିଷ୍ୟର ପରମ୍ପରା ଧୀରେ ଧୀରେ କଳଙ୍କିତ ହେବାରେ ଲାଗିଛି। ତେଣୁ ବିଦ୍ୟାର୍ଥୀ ଓ ଶିକ୍ଷକ ଏହାର ମହତ୍ୱକୁ ବୁଝିବା ନିହାତି ଆବଶ୍ୟକ। ଏହା ଦ୍ୱାରା ଏକ ସୁସ୍ଥ ସମାଜ ଏବଂ ଉନ୍ନତ ରାଷ୍ଟ୍ର ନିର୍ମାଣ ହୋଇ ପାରିବ। ଗୁରୁ ଶିଷ୍ୟ ପରମ୍ପରାରେ ଯେପରି ପ୍ରଶ୍ନ ଚିହ୍ନ ନ ଲାଗେ ସେଥିପ୍ରତି ଯଥେଷ୍ଟ ସଚେତନ ହେବା ଆମର କର୍ତ୍ତବ୍ୟ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
(କ୍ରମଶଃ)



ଶ୍ରୀ ଅଭିରାମ ସରସ୍ୱତୀ

# ବିଶେଷଣର କିବା ପ୍ରୟୋଜନ !



**ଧ୍ରୁବଚରଣ ଘିବେଲା**
ବଉଦରାଜ,ଜି. ବୌଦ୍ଧ
ପିନ .୭୬୨୦୧୪
ମୋ.୯୪୩୭୪୭୮୪୬୬

ଦେହରେ ଅତର ବୋଲି ହେବା ଯାହା, ନାଆଁ ଆଗେ ବିଶେଷଣ ଥୋଇବା ତାହା। ନାଆଁରେ ଦମ / ଓଜନ ଥିଲେ ବିଶେଷଣ ରୂପକ ଅତର ନାଆଁ ଆଗେ ବୋଳିବାର(ରଖିବାର ) ଆବଶ୍ୟକତା ଆଉ ରହିନଥାଏ। କେବଳ ନାଆଁ ହିଁ ଯଥେଷ୍ଟ ପରିଚୟ ପାଇଁ। ନାଁକରା ଥିଲେ ପରିଚୟ ତିଆରି ହୋଇଯାଏ। ପରିଚୟ ସଙ୍କଟ ରହେନି। ନ ହେଲେ ପରିଚୟ ତିଆରିବା ପାଇଁ ନାନାଦି ବିଶେଷଣ ନାଁ ଆଗେ ଥୋଇବାକୁ ହୁଏ। ବିଶେଷଣ ଯୋଡିବା ଉଦ୍ଦେଶ୍ୟ ନିଜକୁ ଅଧିକ ବିଜ୍ଞପିତ କରାଇବା। କେବଳ ନାଁ ଯେଉଁଠି ଯଥେଷ୍ଟ ହୁଏନି, ସେଇଠି ସେଇ କ୍ଷେତ୍ରରେ ବିଶେଷଣର ସାହାଯ୍ୟ ନିଆଯାଏ। ବିଶେଷଣ ମାଧ୍ୟମରେ ନାଁର ଗୁରୁତ୍ୱ ବଢ଼ାଇବାର ମାନସିକତା ପୋଷଣ କରାଯାଏ। ନାଁ ଯାହା ନାମବାଚକ ବିଶେଷ୍ୟ ସେଇ ବିଶେଷ୍ୟକୁ ବିଶେଷ ଭାବେ ବିଶେଷଣ ଚିହ୍ନାଏ ଯେତେବେଳେ ବିଶେଷ୍ୟ ଆଗରେ ବିଶେଷଣଟେ ବସାଇ ଦିଆଯାଏ। ବିଶେଷ କରି ନାଁ ପାଇଁ ନାଁ ହିଁ ଯଥେଷ୍ଟ ଓ ଯେଉଁଠି ନାଁ ବିଶେଷ୍ୟ(ବ୍ୟକ୍ତି ନିଜେ)ଦୁର୍ବଳ ଭାବନା ରଖେ ସେଇ ନାଁରେ ବ୍ୟାପକ ପରିଚୟ ତିଆରିବା ପାଇଁ, ସେଇଠି ବିଶେଷଣର ସହାୟତା ନିଆଯାଏ ଅଧିକ ପରିଚୟ ପାଇବା ପାଇଁ। ପ୍ରାୟତଃ ବିଶେଷଣ ଲୋଡ଼ନ୍ତି ଦୁର୍ବଳମନା। ପ୍ରାୟୋଜିତ ବିଶେଷଣ ଯୋଡ଼ି ନାଁର ଢେଙ୍ଗୁରା ପିଟିବା ମାନସିକତା ରଖନ୍ତି ଯେମିତି ହେଉ ପରିଚୟ ପ୍ରତିଷ୍ଠା ପାଇବା ପାଇଁ। ପ୍ରତିଷ୍ଠିତ ବନିବା ପାଇଁ। ଧରାଯାଉ ଗୋଟେ ଲେଖା ଏକ ପ୍ରତିଷ୍ଠିତ ନାଁକରା ଖବରକାଗଜରେ ପ୍ରକାଶ କରିବା ପାଇଁ ଲେଖା ପଠାଇଲା ପରେ ସେଇଠି ସେ ଲେଖା ଆସିଲା ନାହିଁ। ତାପରେ ସେ ବ୍ୟକ୍ତି ଗୋଟେ ସରୁ ବୁଦ୍ଧିର ଆଶ୍ରୟ ନେଲେ। ନିଜ ନାଁ ଆଗେ ଅଧ୍ୟାପକ, ଡାକ୍ତର କି ଡକ୍ଟର ବିଶେଷଣ ଯୋଖି ଆଉ ଏକ ଲେଖା ପଠାଇଲେ ସେ ବ୍ୟକ୍ତି ଖବରକାଗଜରେ ଛପାଯିବା ପାଇଁ। ଏଥର ଚଟକିନା ଲେଖା ବସିଗଲା ସେଇ ଖବରକାଗଜରେ। ମାନେ ଲେଖାଟି ପ୍ରକାଶ ପାଇଗଲା। ଛୋଟିଆ ବୁଦ୍ଧି ବେଶ କାମ କଲା। କାମ ଦେଲା। ଖବରକାଗଜ ଦେହରେ ଛାପା ନାଁରେ ଲେଖା ଆସିବା ଦେଖି ସେ ବ୍ୟକ୍ତି ଖୁବ ଖୁସି ହେଲେ। ବୁଦ୍ଧି ଯୋଗୁଁ ବିଚାର ବିଗିଡ଼ିଯାଇନଥିଲା। ଜ୍ୱର ଉପଶମ ପାଇଁ ପାରାସିଟାମଲ କାମ ଦେଲା ଭଳି ଲେଖା ପବ୍ଲିକେସନରେ ବିଶେଷଣ ଶବ୍ଦଟା ବଢ଼ିଆ କାମ ଦେଲା। ଜାଣିଥିବା ଲୋକ ବିସ୍ମିତ ହେଲେ ଯେତେବେଳେ ସେ ବ୍ୟକ୍ତିଙ୍କ ପ୍ରକାଶିତ ଲେଖା ଶୀର୍ଷକ ତଳେ ଉଲ୍ଲେଖିତ ନାଁ ଆଗେ ରହିଥିବା ଡକ୍ଟର ଶବ୍ଦ ଦେଖି। କିଏ ଭାବିଲା ସେ କୁଆଡୁ ଡକ୍ଟର ଉପାଧି ପାଇଲା। କିଏ କିଏ ସିଧାସଳଖ ପଚାରି ବସିଲେ ସେ ମହାଶୟ ବାଧ୍ୟ ହୋଇ ସଫେଇ ଦେଇ ବସନ୍ତି, ହଁ ଆମ୍ଭେ ନିଜକୁ ନିଜେ ବ୍ୟଙ୍ଗ କରିବା ପାଇଁ ସେଇ ବିଶେଷଣକୁ ନାଁରେ ଯୋଡ଼ିଛୁ। ଭାବିପାରନ୍ତି ଏହା ମୋର ଛଦ୍ମ ବିଶେଷଣ। ସେ ବିଶେଷଣ ମୋତେ ଖୁବ ସାହାଯ୍ୟ କରିଛି ଲେଖା ଖବରକାଗଜରେ ଆସିବାରେ। ସେ ବିଶେଷଣ ମୋତେ ଖୁବ ସୁଟ କରିଛି ଓ ସୁଜିଛି। ଆମ୍ଭେ ଏଣୁ ଏଣିକି ଆମ୍ଭ ନାଁ ଆଗେ ସେଇ ବିଶେଷଣ ଯୋଡ଼ି ପରିଚିତ ହୋଇଚାଲିବୁ। ଆଜିର ଦିନରେ ପୁଣି ଅନେକ ଉପାଧିଧାରୀ ଏଠି ଚଳପ୍ରଚଳ କରନ୍ତି। ନିଜକୁ ଚଳପ୍ରଚଳ ବି କରାନ୍ତି ନାନା ବିଶେଷଣ ବ୍ୟବହାର କରି। ଏମିତି ଅନେକ ନାଁ ବିକଳିଆ ବିଶେଷଣ ଯୋଖି ହେଉଛନ୍ତି। କାହାକୁ ଭଲ ଲାଗୁ ନ ଲାଗୁ ସେ ଦିଗ ପ୍ରତି ସେମାନଙ୍କ ନଜର ନ ଥାଏ କି ନିଘା ବି ରଖନ୍ତି ନାହିଁ। ନାଁ ଆଗେ ବିଶେଷଣ ଯୋଡିବା କାମରୁ ଖୁସି ସୁଖ ଯାହା ଖୁବ ସାଉଁଟିଥାନ୍ତି। ସାଉଁଟି ଜାଣନ୍ତି ମଧ୍ୟ। ଯିଏ ଯାହା ନୁହଁ, ମୁଁ ତାହା ବୋଲି ଯଦି ଜଣେ କହି ବୁଲେ ଖୋଲାଖୋଲି ସେ ନିର୍ଲ୍ଲଜକୁ କିଏ ବା କଣ କହିବ ? କାହିଁକି ବା କହିବାକୁ ଯିବ? ନିର୍ଲ୍ଲଜର ଲାଜ ମହତ ବୋଲି କିଛି ନ ଥାଏ। ପୁଣି ନାଁର ବ୍ୟଙ୍ଗାତ୍ମକ ପରିବେଷଣ ପାଇଁ ସେ ଭଳିଆ ବିଶେଷଣ ବ୍ୟବହାର କରିଛି କୁହାଗଲେ ଆଉ ଅସୁବିଧା ନାହିଁ। ପୁଣି କିଏ କେଉଁଠି ଧରାକରା କରି କେବେ ଥରେ ସଦସ୍ୟଟେ ବନିଯାଇଥିଲେ, କେତେକ ସେଇ ପୁରୁଣା ବିଶେଷଣ ଆଗେ ପୂର୍ବତନ / ପ୍ରାକ୍ତନ ଯୋଖି ବିଜ୍ଞପିତ ହେବାକୁ ବିଶେଷ ଭଲ ପାଆନ୍ତି। ସେମାନେ ବୋଧେ ଉଦ୍ଦେଶ୍ୟ ରଖିଥାନ୍ତି ସେଇ ଚଳଣିରେ ଏବେ ବି ଚଳିଯିବେ, ନାଁକରା ବନିବେ। ସେଇ ଉଦ୍ଦେଶ୍ୟ ରଖି ପରିଚୟ ଖୋଜନ୍ତି ପରିଚୟ ସଙ୍କଟ ଜଣ ଜଣକଠି ମାନସିକ ବ୍ୟାଧିକୁ ପରିବର୍ତ୍ତିତ ହୋଇଥାଏ। ତେବେ ପରିଚୟ ସଙ୍କଟ ବ୍ୟାଧିଗ୍ରସ୍ତ ବ୍ୟକ୍ତି ସବୁବେଳେ ବିଶେଷଣ ପ୍ରିୟ ରହି ପ୍ରାୟୋଜିତ କିଣା ବିଶେଷଣରେ (କବିଶ୍ରେଷ୍ଠ, କବିଶ୍ରୀ ଆଦି) ଯୋଡିହେବା ସହ ପୂର୍ବତନ ସଦସ୍ୟ ଆଭୂଷଣରେ ଭୂଷିତ ହେବାରେ ଅସମ୍ଭବ ଆଗ୍ରହ ରଖନ୍ତି। ଅନ୍ୟ ପାଖେ ଏବେ ବି କିଛି ଠୋସ ବ୍ୟକ୍ତି ଅଛନ୍ତି, ଯିଏ ନ ଥାନ୍ତି ଆଦୌ ବିଶେଷଣ ପ୍ରିୟ। ନିଜକୁ ବିଜ୍ଞପିତ କରିବା ପାଇଁ ବିଶେଷଣ ଆଭୂଷଣର ଆବଶ୍ୟକତା କେବେ ଅନୁଭବ କରନ୍ତି ନାହିଁ। ତାଙ୍କ ପାଇଁ ନାଁ ହିଁ ଯଥେଷ୍ଟ। ଅତର ଯେମିତି ଅଳ୍ପ ସମୟ ପାଇଁ ମହକେ ଓ ତାପରେ ଅତର ମହକ ଆଉ କାମ କରେନି। ଅତର ମହକ ଉଡ଼ିଯାଏ। ଠିକ ସେମିତି ବିଶେଷଣ କଥା। ଅତର ଭଳି ବିଶେଷଣ। କିଣା ଅତର ଭଳି କିଣା ବିଶେଷଣ ଯୋଖି ହେଲେ ତାର ମହକ ଏତେ ରହିନଥାଏ। ଜାଣିଥିବା ଲୋକଙ୍କ ଆଗେ ନୀଳବର୍ଣ୍ଣ ଶୃଗାଳ ପାଲଟିଲେ ସେମାନେ ନିଶ୍ଚୟ ଲୋକହସା ହେବେ। ଦେହରେ ଅତର ଲଗାଇବା ହେଉ କି ମୁହଁରେ ବିଭିନ୍ନ ଲେପ ଦେଇ ମେକପ ନେଇ ମୁହଁ ଦେଖାଇବା କାମ ଭଳି ବିଶେଷଣରେ ଭୂଷିତ ହେବା କଥା। ଯେଉଁମାନେ ପ୍ରକୃତ ଦକ୍ଷତା ବଳରେ ଭଲ ବିଶେଷଣ ଅର୍ଜନ କରିଥାନ୍ତି, ସେମାନଙ୍କ ପାଇଁ ବିଶେଷଣ ବିଶେଷ ଶୋଭନୀୟ। ଆଉ ଯେଉଁ ନାଁ ବିକଳିଆ ନାଁ ସାଉଁଟିବା ପାଇଁ ସବୁଠି ଫନ୍ଦି ଫିକର କରି ଜାଲ ବସାଇ ବିଶେଷଣ ସଂଗ୍ରହ କରିଥାନ୍ତି, ସେମାନଙ୍କ ବିଶେଷଣରେ ନା ମହକ ଥାଏ ନା ଚମକ ଥାଏ। ମିଛ ବିଶେଷଣଧାରୀ ଖାଲିଟାରେ ଖୁସି ହୁଅନ୍ତି ଯାହା। ଏମାନେ ମାଛ ତେଲରେ ମାଛ ଭାଜି ଜାଣନ୍ତି। ଏଭଳିଆ ବିଶେଷଣଧାରୀଙ୍କଠୁ ସାଧୁ ତରକି ଦୂରେଇ ରହିବା ଚାହି। ନ ହେଲେ ସାଧୁଙ୍କ ପିଠିରେ ଚାଲାକି ଚତୁର ଚାଲିବାର ଆସ୍ପର୍ଦ୍ଧା ଯେ ନ କରିବେ, ସେ କଥା କିଏ କହିବ ?

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

## ଗାଆଁ ଭିଜା ମାଟି ବାସନା ଆସଇ ଭାସି



**ସୁରମା ମିଶ୍ର**

ପହିଲି ଆଷାଢ଼େ ଗାଆଁ ଭିଜା ମାଟି
ବାସନା ଆସଇ ଭାସି
ସାତ ସମୁଦର ଆର ପାରିରେ ମୁଁ
ସ୍ମୃତି ସାଉଁଟୁଛି ବସି

ଧାରା ଶ୍ରାବଣରେ ଆମ ବାରି ପଟେ
କେତେ ପାଳଛତୁ ଫୁଟେ
ବୋଉ ରାନ୍ଧୁଥାଏ ବେସର ବାଟି ଲୋ
ବାସନା ମୋ ପାଖୁ ଛୁଟେ

ଭାଦ୍ରବ ମାସରେ କେତେ ପରବ ଲୋ
ନାନାଜାତି ପିଠା କରି
ଦାଣ୍ଡଦୁଆରେ ମୋ ବାଟ ଚାହିଁ ଚାହିଁ
ନିରାଶେ ଆସଇ ଫେରି

ଆଶ୍ୱିନ ମାସରେ ମାଆ ଦଶଭୁଜା
ଆସନ୍ତିଲୋ ଅବତରି
ଗାଆଁସାରା ଲୋକ ଖୁସିରେ ନାଚନ୍ତି
ମାଆ ଆରାଧନା କରି

ମୋ ବୋଉଟି କିନ୍ତୁ ମନଦୁଃଖ କରି
ନୀରବରେ କାନ୍ଦୁଥାଏ
ମୋର ସ୍ମୃତିସବୁ ସାଉଁଟି ସାଉଁଟି
ଆଖିରୁ ଲୁହ ଗଡାଏ

କାର୍ତ୍ତିକ ମାସରେ ନିଷ୍ଠାର ସହିତ
ହବିଷଭାତ ରାନ୍ଧଇ
ପୂଜାପୂଜି ସାରି ଖାଇବା ଆଗରୁ
ମୋତେ ସେ ଦିଏ ଖୁଆଇ

ଭଲ ଲାଗୁନିଲୋ ବୋଉ ମତେ କିଛି
ଭଲଲାଗୁନି ମୋ ମନ
ତୋ ନିରୀହ ମୁଁହ ଆଖି ଆଗେ ମୋର
ନାଚୁଅଛି ପ୍ରତିକ୍ଷଣ

ମନେ ପଡୁଛିଲୋ ବୋଉ ତୋର କଥା
ଆଉ ମୁଁ ରହି ପାରୁନି
ଫେରିଯିବି ଏବେ ତୋହରି କୋଳକୁ
ଟାଣେ ତୋ ପଣତକାନି

ଏତେ ସରଳଟୁ କିପରି ହେଲୁ ଲୋ
ନାହିଁ ତୋର ଛନ୍ଦମାୟା
ଜଗତନାଥଙ୍କୁ କରୁଛି ଗୁହାରୀ
ସଦା ହେବେ ତୋର ସାହା ।

*ବିଏଲ ୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*

## ଶ୍ରାବଣ ବଂଶୀ

**ସୁଜିତ କୁମାର ମିଶ୍ର**

ସରାଗ ରାଗର ଶ୍ୟାମଳିମା ସୁରେ ଶ୍ରାବଣ ବଂଶୀର ଗୀତ,
ମଉଳ ମନରେ ମଧୁ ଶିହରଣ ମଞ୍ଜୁଳ ପ୍ରେମର ସ୍ରୋତ
ଝରି ଝରି ଯାଏ ଉଲ୍ଲାସ ପାର୍ବଣେ ଯଉବନ ଜଳଧାରା,
ଛଳଛଳ ରଙ୍ଗେ ଅସୀମ ଆବେଗ ଚମକେ ପୀଡ଼ିତ ଧରା

ପାଦପ ହୃଦୟ ଝୁଲୁଛି ଦୋଳିରେ ପଲ୍ଲବିତ ଆନନ୍ଦରେ,
ଦେହର ଦହନ ମଉଳି ଯାଇଛି ଦିବ୍ୟସୁଖ ପ୍ଲାବନରେ
ଆକାଶେ ଆଙ୍କିଛି ଶ୍ରାବଣୀ ଗୋପନେ ଅନୁରାଗ ଇନ୍ଦ୍ରଧନୁ,
ଭାବ ଆଗମନୀ ବରଷା ସୁଅରେ ବିରହ ବିଲୋପ ମନୁ

କୁଡ଼ିଆ ଛାତିରେ ଅଭିଶାପ କୋପେ ଝରୁଛି କୁହୁଳା ନିଆଁ,
ଅଭାବୀ ତାତିର ମରଣ ପାଉଁଶ ଅଭିଶପ୍ତ ରାତି ଛୁଆଁ
କେଉଁଠି ସୁଖର ଫଗୁଣ ପରବ କମନୀୟ କୋଳାହଳେ,
କେଉଁଠି ଉଜୁଡ଼ା କ୍ଷେତର ବିଳାପ କରୁଣ କାହାଣୀ ତୋଳେ

ସୁଖଦୁଃଖ ଭରା ଶ୍ରାବଣର ରଙ୍ଗ ଶିଳାଖଣ୍ଡ ମନ ଗୀତି,
ଜୀବନ ନାଟକ ରଙ୍ଗମଞ୍ଚରେ ସେ ଜୟ ପରାଜୟ ସ୍ମୃତି ।

*ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*



## ଉପବାସ

**ପ୍ରଣୀତା ମିଶ୍ର**



ନାହିଁ ନାହିଁର ଜୀବନ
କେବେ ଚୁଲି ନାହିଁ ତ ଚାଳ ନାହିଁ
ଭାତ ନାହିଁ ତ ତିଅଣ ନାହିଁ
ଉପାସ ତ ସେମାନଙ୍କ ପାଇଁ
ଏକ ନିତିଦିନିଆ କଥା
କେବେ ଅଭୁକ୍ତ କେବେ ଅର୍ଦ୍ଧଭୁକ୍ତ

ଗରିବ ଖଟିଖିଆର ଜୀବନ
ଦିନେ କାମ ନ ମିଳିଲେ
ହାଣ୍ଡି ଚିତ୍‌ପଟାଙ୍ଗ
ସାହୁକାର ପାଖରେ ବନ୍ଧା
ଜୀବନ ଓ ଯୌବନର ରଙ୍ଗ

ପେଟ ଚାଖଣ୍ଡର ଜ୍ୱାଳାରେ
ଜହ୍ନ ତାରା ଦିଶେ ଦିନରେ
ସବୁ କିଛି କରିବାକୁ ବଳ
ଭରିଯାଏ ବାହୁରେ

ବଡ ବଡିଆଙ୍କ ଉପବାସ ତ ସଉକରେ
କେବେ ପର୍ବପର୍ବାଣୀରେ
ମିଛିମିଛିକା ଭକ୍ତିରେ
କେବେ ବପୁ କମାଇବାରେ
ପ୍ରାତଃ ଭ୍ରମଣରେ ଅବା
ଖାଦ୍ୟ ନିୟନ୍ତ୍ରଣରେ

ପଚାରିବ ତ ପଚାର ସେହି
ମଇଳା କୋତରା ପିନ୍ଧା ହାଡୁଆ ପିଲାକୁ
ଢିମା ଢିମା ଆଖିରୁ ଶୁଖି ଯାଇଥିବା ଲୁହକୁ
ରାସ୍ତା କଡ଼ର ସେ ଅଳିଆଗଦାକୁ
ଯେଉଁଠି ସେ ନିତି କଷୁଥାଏ
ଭୋକ ଉପବାସକୁ ।

*ଭୁବନେଶ୍ୱର*

## ବର୍ଷା

**ଶିବାଶିଷ ପାଢ଼ୀ**



ମାଟି ମାଆର ଛାତିରୁ ଝରୁଥିବ ବୁନ୍ଦାବୁନ୍ଦା ଅମୃତ
ଛପଛପ ଶବ୍ଦ ସହ ସୃଷ୍ଟି ହେଉଥିବ ନୂତନ ଧାରା
ଘନ ବହଳିଆ ପତ୍ର ଧାରରୁ ଖସୁଥିବ
ଟୋପାଟୋପା ଜଳ ବିନ୍ଦୁ

ସରୁ ଧାରୁଆ ବାଉଁଶ ପତ୍ରଅଗରେ
କେତେବେଳୁ ଅଟକି ଯାଇଥିବ ବୁନ୍ଦାଏ ପାଣି
ଅମୃତର ପରଶ ଦେଇ ବୋହୁଥିବ ମନ୍ଦମନ୍ଦ ସମୀର

ପ୍ରିୟ ଓ ପ୍ରିୟାର ମିଳନକୁ ଜୀବନ୍ତ କରୁଥିବ
ପର୍ବତ ଚୂଡାରେ ଲୁଚକାଳି ଖେଳୁଥିବା ମେଘର ସମ୍ଭାର
ଦିଗନ୍ତ ବିସ୍ତାରି ସବୁଜିମା ଆଖିରେ ସଂଚାର କରୁଥିବ ଜୀବନ
ଆନ୍ଦୋଳିତ କରୁଥିବ ହୃଦୟତନ୍ତ୍ରକୁ

ଅତୀତର ସୁଖଦ ସ୍ମୃତିକୁ ସ୍ୱପ୍ନରେ ପ୍ରତ୍ୟକ୍ଷ କରୁଥିବା ବେଳେ
ହଠାତ୍ ଭାଙ୍ଗିଯିବ ନିଦ
ଫୋପାଡ଼ି ହୋଇ ପଡ଼ିଯିବ ଜୀବନ ଧୂସର ବାସ୍ତବତାରେ
ଉଭାନ ହୋଇଯିବ ସବୁକିଛି
ପୋଡା ଡିଜେଲର ଗନ୍ଧ ନାକରେ ପ୍ରତିକ୍ରିୟା କରି ଆଖିକୁ ନେଇଯିବ ସେଇ ଆଡକୁ
ଯେଉଁଠି କେବେ ଠୁଁ ମରିହଜି ଯାଇଥିବା ଝରଣା କୂଳରେ
ଏବେ ଚାଲିଥିବ ଧ୍ୱଂସର ତାଣ୍ଡବଲୀଳା

କଳା କୋଇଲାର କ୍ରୀଡ଼ାଭୂମିରେ ଶହୀଦ ହୋଇଥିବା
ଲକ୍ଷ ଲକ୍ଷ ବୃକ୍ଷଙ୍କ ସମାଧି ଉପରେ ବସି ଅଟ୍ଟହାସ୍ୟ କରୁଥିବ ମୃତ୍ୟୁ
ଆଉ ଏପଟେ ଶ୍ରାବଣରେ ବି ମୁନ୍ଦାଏ ବର୍ଷାର ମୁହଁ ଦେଖିନଥିବା
ବିସ୍ଥାପନ କଲୋନୀରେ କଳା ଗୁଣ୍ଡର ଧୂମାଭ ବଳୟରେ ବସିଥିବା ଥୋକାଏ ଦୁସ୍ଥ
ମଣିଷ ଆଲୋଚନା କରୁଥିବେ ବର୍ଷାର କଥା ।

*ହେମଗିର, ସୁନ୍ଦରଗଡ଼- ୭୭୦୦୧୩*

## ନାଚର ଶ୍ରମଣା

**ଦେବଯାନୀ ରାୟ**

ବଞ୍ଚିବାର ଏତେ ଟିକେ ମୋହ
ଓଗାଳି ବସିଛି ନିର୍ବାଣର ପଥ
ସେଥିପାଇଁ ସରେନାହିଁ
ମାନ ଅଭିମାନ
ଅର୍ଥହୀନ ଗୁମାନ
ଅସରନ୍ତି କାମନା
ରାତ୍ରିର ସୀମାହୀନ ଶୋଷ
ଅହେତୁକ ଭୋକ
ମାଡ଼ିବସେ ଚିରାଚରିତ ବାସନା

ଯୌବନର ବେନିପାଦ ମାଡ଼ିଚାଲେ ନିର୍ଜନତାକୁ
ଶୋଷର ବାମ ହସ୍ତ ଜଳ ପାଇଁ
ଚିରିଚାଲେ ବାଦଲ ବକ୍ଷକୁ
ଡାହାଣ ହସ୍ତ କାମନା ଜାଳେ
କ୍ଷଣିକେ ଚଞ୍ଚଳ ମନ ତୃଷ୍ଣାତୁର ଜୀବନକୁ

ପାହାନ୍ତିର ଲାଜ ଫିଟିଲା ପରେ ବି
ଭବିଷ୍ୟତର ରାତି ତଥାପି ବାକି ଥାଏ
ଝର୍କା ସେପାଖର ବର୍ଷା
କୋଠରୀ ଭିତରେ ଶୀତର ଆସର ଜମାଏ
ବଦଳି ଯାଇଥିବା ଦୃଶ୍ୟ ପରି
ସୁଖ ପରେ ଦୁଃଖ ଆସୁ ଥାଏ ତ
ଦୁଃଖ ପରେ ସୁଖ
କେବେ କେବେ ଯୁଗଳବନ୍ଦୀର ଦୃଶ୍ୟରାଜି
ପାଷାଣକୁ କରେ ଅନ୍ୟମନସ୍କ

ଗତାନୁଗତିକ ସମୟଟା
ଆସେ, ଚାଲିଯାଏ, ରହିଯାଏ, ଛାଡ଼ିଯାଏ
ଅନେକ ବାସ୍ପମୟ ଧୂଆଁର କୁହୁକ
ମଝିରେ ସମୟଟା ପେଣ୍ଡୁଲମ୍ ହୋଇ
ମାଟି ଉପରେ ଝୁଲିପଡ଼େ
ଭବିଷ୍ୟ ଚିନ୍ତାରେ ନିଜ ଇଚ୍ଛାକୁ ବିସ୍ତାରେ

ସ୍ନେହ ଶ୍ରଦ୍ଧାର ମୂଳକକୁ କରି ଅନ୍ଧାରୀ
ଅସହାୟ ମୁହୂର୍ତ୍ତଟେ ଠିଆ ହୁଏ ହାତଠାରି
ସମ୍ପର୍କର ଗୋଳିଆ ପାଣିରେ ବୁଡ଼ି ରହେ ପାଦ
ନିଜ ବୋଝ ବୋହି ଶରୀର ବି ଭାରାକ୍ରାନ୍ତ
ହୁଏତ ଜଣା ନଥାଏ କେତେପଥ ହେଲା ଅତିକ୍ରାନ୍ତ
ଯଦିଓ ପିଠିରେ ଲଦା ଥାଏ
ସମୟର ସଇତାନି ଗଭୀର କ୍ଷତ ।

*ଜଟଣୀ, ଖୋର୍ଦ୍ଧା*
*ଫୋ- ୯୪୩୭୪୧୩୩୧୪*



## ଆଶା ବଇଶାଖୀ ଝାଞ୍ଜି ପିଟୁଛି...

**ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଜୀବନ ତ ଏବେ ଗୋଧୂଳି ଲଗନ
ତୁଚ୍ଛା ଛାୟା ମାୟା ଘେରା
ଜଣାନାହିଁ ଆହା କେମିତି ସରିବ
ମୁଗ୍ଧ ଜୀବନ ଅନ୍ତରା

ପ୍ରହେଳିକାମୟ ସଂସାର ସାଗରେ
ସହସ୍ର ଭଉଁରୀ କାଟିଛି
ତଥାପି ଜୀବନ ବାଟବଣା ହୋଇ
ଫେରନ୍ତି ରାସ୍ତା ଖୋଜୁଛି

ପ୍ରତ୍ୟୁଷ ସୂରୁଜ ନାହିଁ ଆଉ ପାଶେ
ଦେଖିବାକୁ ଭରସା ଟିକେ
ଆଶା ବଇଶାଖୀ ଝାଞ୍ଜି ପିଟୁଛି
ଦେଖିବାକୁ ମେଲାଣି ମୋତେ

ବୟସ ଡେଣାର ପକ୍ଷ ଆହତ
ଉଡ଼ିବାକୁ ନାହିଁ ଶକ୍ତି
ବୁଜିଦେଲେ ଆଖି ଦିଶୁଛି ପାହାନ୍ତି
ସପନକୁ କରି ଇତି

ଲୁହ ଜର ଜର ସମୟରେ ଦିଶେ
ସୁଖର ଅଳକାପୁରୀ
ଜୀବନ ତ ଏବେ ଗୋଧୂଳି ଲଗନ
ଅତୀତକୁ ହୁଏ ଝୁରି ।

*ଦଶରଥପୁର, ଯାଜପୁର- ୭୫୫୦୦୬*
*ଫୋନ୍- ୭୩୭୭୩୧୮୭୮୯*

## ବଧୂ ନିରୁପମା



**ନଳିନୀ ଦାଶ**

ନଭ ମଣ୍ଡଳରୁ ପାଦଥାପି ଆସ
ଆଗୋ ବଧୂ ନିରୁପମା
ରିମ୍ ଝିମ୍ ସୁରେ ଗୀତ ଗାଉଥାଅ
କି ଦେବି ତୁମ ଉପମା
କଳା ପାଟଶାଢ଼ି ଧବଳ କନକ
ଧଡ଼ିରେ ଦିଶ ସୁନ୍ଦର
ଆଗୋ ରତ୍ନପର୍ଣ୍ଣା ଅଳିଅଳି ଜେମା
ପାଦରେ ବାନ୍ଧି ଘୁଙ୍ଗୁର
ହେ ଗଜଗାମିନୀ ମନମୋହିନୀ ଗୋ
ତୁମେ ବଧୂ ନିରୁପମା
ଛନ୍ଦେ ଛନ୍ଦାୟିତ କର ହୃଦୟକୁ
ତୁମେ ଆଗୋ ଅନୁପମା
ସରଗରାଇଜୁ ଝରି ଝରି ଆସ
ଧରାରେ ଯାଅ ବରଷି
ତୁମ ପ୍ରୀତିଛୁଆଁ ପାଇଲେ କୁସୁମ
ଗଛରେ ଯାଏ ବିକସି
ନାଲି ଶାଢ଼ି ପିନ୍ଧି ସାଧବ ବୋହୂର
ଥିରିଥିରି ଚାଲି ଦିଶେ
ଚାଷୀ ଭାଇ କ୍ଷେତେ ଚାଷ କରିଥାଏ
ଫୁଲ ଫଳେ ଧରା ହସେ
ନଦୀ ନାଳ କୂଅ ପୋଖରୀ ଗାଡ଼ିଆ
ଜଳରେ ଗଲାଣି ଭରି
ଆମ ହିତେ ଆସି ଆକାଶ ଛାତିରୁ
ବରଷା ଗଲାଣି ଝରି
ଧୂସର ଧରଣୀ ସବୁଜ ଦିଶଇ
ବର୍ଷାଭିଜା ତନୁ ଧରି
ପାହାଡ଼ ପ୍ରାନ୍ତର ସବୁଜ ସୁଷମା
ମନ ନେଇଯାଏ ହରି
ତୁମ ମଧୁ ସ୍ପର୍ଶେ ଅଳସୀ ନଈଟା
ଛନ୍ଦ ତୋଳି ଗାଇଲାଣି
ପ୍ରଖର ବେଗରେ ସାଗର ବୁକୁରେ
ମିଶିବାକୁ ଧାଇଁଲାଣି
ପାହାଡ଼ କୋଳରେ କୁଆଁରୀ ଝରଣା
ରାଗିଣୀ ଗଲାଣି ଗାଇ
ପକ୍ଷୀ ଗାଇଲେଣି ସ୍ୱାଗତ ସଙ୍ଗୀତ
ବେଙ୍ଗ ଫୁଙ୍କେ ସାହାନାଇ
ଶଙ୍ଖ ଭେରି ତୂରୀ ବାଜା ବାଣ ଶବ୍ଦେ
ଆସ ବିଜୁଳି ଆଲୋକେ
ତୁମ ଆଗମନେ ମାଟି ମାଆ ହସେ
ଶାନ୍ତି ବରଷୁ ମୂଳକେ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ- ୯୨୩୮୯୯୬୬୪୯*



## 'କଥା ତ ଅନେକ ଅଛି...'

**ସତ୍ୟବ୍ରତ ସାହୁ**

କଥା ତ ଅନେକ ଅଛି ପଚାରିବା ପାଇଁ
କିଛି ଏବେ କିଛି ତୁମ ଅତୀତକୁ ନେଇ (୦)

କାହାକୁବା ତମେ କେବେ ଦେଇଥିଲ ମନ
ଦଗାଦିଆ ଭାଙ୍ଗିଦେଲା ସୁଖର ସପନ
ଅବା କିଏ ବିଶ୍ୱାସରେ ମିଶାଇ ଦେଇଛି ବିଷ
ଭୁଲିବାକୁ ଚାହିଁଲେ ବି ଭୁଲି ହେଉନାହିଁ
କଥା ତ ଅନେକ ଅଛି...(୧)

ମୁଁ ତ ଏକ ଉଡ଼ା ପକ୍ଷୀ ଆଚିହ୍ନା ଆକାଶେ
ମୋତେ କି ରଖିବ ବାନ୍ଧି ପ୍ରୀତିର ପରଶେ
ଯଦି କିଛି ନକହିବ ଅତୀତକୁ ଭୁଲିଯିବ
ଭାବି ନେବି ଆମେ ଦୁହେଁ ଦୁହିଁଙ୍କର ପାଇଁ
କଥା ତ ଅନେକ ଅଛି....(୩)

କଥା ତ ଅନେକ ଅଛି ପଚାରିବା ପାଇଁ
କିଛି ଏବେ କିଛି ତୁମ ଅତୀତକୁ ନେଇ (୦)

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ- ୮୯୧୭୨୭୩୫୪୫*

## ସାହିତ୍ୟ ବଜାର

**କବିତା ମହାନ୍ତି**

ଲେଖିଲେ, କହିବେ ଇଏ ପୁଣି କେବେଠାରୁ କବି ହୋଇଗଲା !
ନ ଲେଖିଲେ, ଆଜି କାଲି କଣ ହୋଇଛି ? କିଛି ଲେଖୁନ ଯେ !

ବହିଟିଏ ଛାପିବାକୁ ମନ କଲେ, ଅନେକ ପ୍ରଶ୍ନ ! ଅନେକ ଆଖି !
ଏବେଠୁ କଣ ବହି ଛାପି ଲେଖକ ହେବାକୁ ମନ !
ଲେଖ, ଲେଖ, ଲେଖିଚାଲ
ଲମ୍ବା ରାସ୍ତା ଆଗକୁ



କେତେବେଳେ କେମିତି କାହାକୁ ଟିକେ ଅନୁରୋଧ କଲେ
ସୁପାରିଶ କରିଦେବାକୁ,
କେଉଁ ସମ୍ପାଦକ ଅବା କେଉଁ ପ୍ରକାଶକ ଆଗରେ
ଲେଖାଟିଏ କେଉଁ ନାମୀ ପତ୍ରିକାଟିରେ ଛାପିବା ଆଶାରେ

ସେଥିରୁ ଚୁପ୍‌ଚାପ୍ ଖସି ଯିବାର ଅନେକ ରାସ୍ତା ଖୋଜନ୍ତି ସିଏ
ଅନେକ ସାଧୁ ବାଣୀ ଶୁଣିବାକୁ ହୁଏ
କେତେ ପଙ୍କିଳ ରାସ୍ତା ଦେଇ ସେମାନେ ଆଗକୁ ଯାଇଛନ୍ତି
କେତେ ଅଙ୍କା ବଙ୍କା ରାସ୍ତା ପରେ ସେମାନେ ଅଳଙ୍କୃତ ହୋଇଛନ୍ତି
ଲେଖକ ଅବା କବି ପଦବୀରେ !
ସେତିକି କଷ୍ଟ ତ କର
ଏତେ ଜଲ୍‌ଦି ଲେଖକ ହେବାକୁ ମନ !!



ସତେ ତ !
ଏ ସାହିତ୍ୟ ବଜାରରେ ଭାରି ଭିଡ଼ !!
ଫଗୁଣ ହେଉ କି ଶୀତ
ଅଦିନିଆ ବର୍ଷା କି ଆଷାଢ଼ି ମେଘ
ଚୈତାଳି ପବନ ଅବା କାଳ ବୈଶାଖୀ

ହାଟ ଲାଗିଥାଏ ଅହରହ ଏଠି
ପୁରସ୍କାର, ସମ୍ବର୍ଦ୍ଧନା, ସମ୍ମାନ ଫଳକର ଭିଡ ଭିତରେ
ଅନେକ କଲମ ଥମି ଯାଏ
ଶଙ୍କି ଯାଏ ଆପେ ଆପେ
ସାହିତ୍ୟ ମନସ୍କ ମଣିଷଟି

ସତରେ କଣ ତିଷ୍ଠି ପାରିବ ସେ
ଏ ସାହିତ୍ୟ ବଜାରରେ !!

*ଶୈଳ ନିବାସ, ବମିଖାଲ, ଭୁବନେଶ୍ୱର*
*ମୋ- ୯୯୩୭୩୪୮୨୫୦*

## ରେଡ଼ିଓ



**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଟାଇଁଟାଇଁ ଡାହାଣିଆ ଖରା । ଛୁଞ୍ଚି ଫୋଡିଲା ଭଳି ଭୀଷଣ ଝାଞ୍ଜି ପବନ ପିଟି ଚାଲିଥିଲା । ଅଗ୍ନିବର୍ଷାରେ ଲୋକେ ଅସ୍ତବ୍ୟସ୍ତ ଓ ଡହଳବିକଳ । ଜୀବନ ଯେମିତି ଚାଲିଗଲା ପରି ଲାଗୁଥାଏ । ନବୀନ ଭାବନାରେ ବୁଡି ରହିଥିଲା । ହେଲେ କଣ ଅବା କରିବ । ଅଫିସ୍ କାମ ତ ତୁଲାଇବାକୁ ହେବ, ସରକାରୀ ଦପ୍ତର ନ ଗଲେ ନ ଚଳେ । ସ୍ୱଗତୋକ୍ତି କରୁଥିଲା ନବୀନ । ମନେ ମନେ କ'ଣ କିଛି ଗୁଣୁଗୁଣୁ ହୋଇ କହୁଥିଲା । ଘରେ ଜଳଖିଆ ଗଣ୍ଡେ ତରବରରେ ନାକ ପାଟିରେ ଗେଫିଦେଇ ଘରୁ ବାହାରିଗଲା ଅଫିସ୍ । ମୁହଁସଞ୍ଜକୁ ଅଫିସରୁ ଫେରିଆସିଲା କ୍ଲାନ୍ତ ଅବସନ୍ନ ନବୀନ । ସୋଫା ଉପରେ ନିଜର ଅସାଡ ଦେହକୁ ଅଜାଡି ଦେଲା । 'ପିହୁ... ! ଗିଲାସେ ଥଣ୍ଡା ପାଣି ପିଇବାକୁ ଦେ ।' ଖୁବ୍ ବଡ଼ ପାଟିରେ କୁହାଟ ଛାଡିଲା ନବୀନ ।

ନବୀନର ସବା ସାନ ଭଉଣୀ ପିହୁ । ଭାଇ-ଭଉଣୀ ଦୁହେଁ ସୁଦୂରବର୍ତ୍ତୀ ସହରରେ ଚାକିରି କରନ୍ତି । ପ୍ରତିଷ୍ଠିତ ଘରୋଇ କମ୍ପାନୀରେ ପିହୁ କାର୍ଯ୍ୟରତ । ନବୀନ କିନ୍ତୁ ଜଣେ ସରକାରୀ କର୍ମଚାରୀ । ପିହୁ ଚଟାପଟ୍ ଗିଲାସେ ଥଣ୍ଡାପାଣି ନେଇ ଘର ବାରାଣ୍ଡାରେ ଆସି ନବୀନ ପାଖରେ ପହଞ୍ଚିଗଲା । ତା ଆଡକୁ ଦୃଷ୍ଟିପାତ କରି ନବୀନ ପଚାରିଲା– 'ତୁ କେବେ ଅଫିସରୁ ଫେରିଲୁ ?'

ପିହୁକୁ କହିଲା- 'ଏଇ କିଛିକ୍ଷଣ ଆଗରୁ , ଧୁ ଧୁ ଖରାରେ ଦେହ ଗୋଟାକଯାକ ଦହକିଯାଉଛି ।' ଧେତ୍ ! ଇଏ କୋଉ କାମ ଯେ, ଦିନ କେତୁଟା ବି ଛୁଟି ମିଳୁନି । ସେଥିରେ ପୁଣି ଏ ଅଫିସ କାମ ଝାମେଲାରେ ଛନ୍ଦିହୋଇ ମଣିଷକୁ ଟିକିଏ ଫୁରସତ୍ ମିଳୁନି । ପିହୁ ମୁହଁ ଛିଞ୍ଚାଡି ନବୀନଙ୍କ ଉଦ୍ଦେଶ୍ୟରେ କହିଲା । ନବୀନ ତା'କଥାକୁ ସମର୍ଥନ କରି କହିଲା –'ହଁ ପିହୁ! ତୁ ଏତେବେଳେ ଯାଇ ଠିକ୍ କଥାଟେ କହିଲୁ ।' ଦୁହେଁଯାକ କିଛିକ୍ଷଣ ପରସ୍ପର ମଧୁର ଆଳାପ କରିବାରେ ମଜ୍ଜିଗଲେ । ଫେର୍ ନବୀନ ଫ୍ରେସ୍ ହେବାକୁ ଚାଲିଗଲା । ପିହୁ ରୋଷେଇରେ ଜଳଖିଆ ବନେଇବାରେ ବ୍ୟସ୍ତ ରହିଲା । ଏତିକିବେଳେ ପିହୁର ପ୍ରିୟ ବାନ୍ଧବୀ ଅର୍ଚ୍ଚନା ଆସି ହାଜର । ଅର୍ଚ୍ଚନା ପିହୁର ସହକର୍ମୀ । କେବେ କେମିତି ପିହୁ ଘରକୁ ଆସୁଥିଲା ଅଫିସ୍ କାମ ତୁଲାଇବା ଉଦ୍ଦେଶ୍ୟରେ । ନବୀନ ରୀତିମତ ସଞ୍ଜକୁ ଜଳଖିଆ କଲାପରେ ତା'ଲ୍ୟାପ୍‌ଟପ୍ ନେଇ ନିଜର କୋଠରୀ ଭିତରକୁ ଚାଲି ଯାଉଥିଲା । କିଛି ସମୟ ଅଫିସ୍ କାର୍ଯ୍ୟ ସୁରୁଖୁରୁରେ ତୁଲାଇବାରେ ଲାଗିଲା । ଅବଶ୍ୟ ସେ ସମୟ ଭିତରେ ପିହୁ ଆଉ ଅର୍ଚ୍ଚନା ଦୁହେଁ ସେମାନଙ୍କ କାମ ଶେଷ କରି ଦେଇଥିଲେ ।

ଅର୍ଚ୍ଚନା କହିଲା–'ପିହୁ ! ବହୁତ ଉଛୁର ହୋଇଗଲାଣି । ଏବେ ମତେ ଘରକୁ ଫେରିବାକୁ ହେବ କହି ସେ ଯେମିତି ଦରଜା ନିକଟରେ ପହଞ୍ଚିଲା ରେଡିଓର କିଛି ପୁରୁଣା ଗୀତର ମଧୁର ଆବାଜ ତା' କାନରେ ବାଜିଲା । ସେ ଗୀତ ଶୁଣିବାମାତ୍ରେ ତା' ପାଦ ସେଠି ଥମ୍‌କିନା ଅଟକିଗଲା । ଅର୍ଚ୍ଚନା ପଛକୁ ବୁଲିପଡି ପିହୁକୁ ପଚାରିଲା– 'ଏ ରେଡିଓ ଗୀତ କିଏ ଶୁଣୁଛି ?' ପିହୁ ହସିହସି କହିଲା– 'ସେ ବଡ଼ଭାଇଟା ରୀତିମତ ରେଡ଼ିଓ ଗୀତ ଶୁଣେ, ତୁମେ ନିଜ ଘରକୁ ଜଲ୍‌ଦି ଚାଲିଯାଅ ନା, ସେ ଆଡ଼କୁ ତୁମର ଏତେ ନିଘା କାହିଁକି ?'

ପରଦିନ ଅର୍ଚ୍ଚନା ପୁଣି ପିହୁ ଘରେ ଆସି ହାଜର । କାମଦାମରେ ମାତିଥିବା ପିହୁକୁ ଲକ୍ଷ୍ୟକରି ତା' ବଡ଼ଭାଇ ବାବଦରେ ଉତ୍ସାହର ସହିତ କହିଲା– 'ଦେଖ ପିହୁ... ଏଇଟା ପରା ଇ-ଯୁଗ । ତୁମ ବଡ଼ଭାଇ ପାଖରେ ସ୍ମାର୍ଟଫୋନ୍ ଓ ଲ୍ୟାପ୍‌ଟପ୍ ଆଦି ଥାଉ ଥାଉ ମରହଟିଆ ଯୁଗର ରେଡିଓ ଗୀତ ଶୁଣୁଛନ୍ତି କାହିଁକି ?

ପିହୁ ଫିକ୍‌କିନା ହସିଦେଇ କହିଲା –'ବଡ଼ଭାଇ ଖୁବ୍ ସୁଧାର ଓ ଶାନ୍ତସରଳ ସ୍ୱଭାବର । ସେ ନିଜ କାମ ତୁଟାଇବା ପରେ ଅବଶିଷ୍ଟ ସମୟ ଏକାକୀ କଟେଇବାକୁ ପସନ୍ଦ କରନ୍ତି, ଏବେ ବାକି କଥା ସବୁ ତୁମେ ଭାଇଙ୍କୁ ପଚାରିପାର ।' ପିହୁର କଥା ପଦକ ଅର୍ଚ୍ଚନାକୁ ସନ୍ତୋଷଜନକ ନ ଲାଗିବାରୁ ସେ ପୁଣି ପଚାରିଲା- ଆଚ୍ଛା, ତୁମ ଭାଇ କେମିତିକା ଝିଅଟିକୁ ପସନ୍ଦ କରନ୍ତି ।

ପିହୁ କହିଲା– 'କି କଥା କହୁଚ ! ଆଜି ବଡ଼ଭାଇ କ'ଣ ଆମ ଦୁହିଁଙ୍କର ଆଳାପ ବିଷୟରେ ଜାଣି ନେଇଛନ୍ତି ।' ପ୍ରତିଦିନ ଠିକ୍ ଏଇ ସମୟରେ ରେଡିଓରୁ ଗୀତ ଶୁଣିବାରେ ଅର୍ଚ୍ଚନାକୁ ଖୁବ୍ ଭଲ ଲାଗୁଥିଲା । ସେ ଦିନେ ପିହୁକୁ ଜଣାଇ ତା'ବଡ଼ଭାଇ ପାଖକୁ ଗଲା ଭେଟିବା ଉଦ୍ଦେଶ୍ୟରେ ।

'ମୁଁ କ'ଣ କୋଠରୀ ଭିତରକୁ ଯାଇପାରିବି ?' ଅର୍ଚ୍ଚନା ବେଶ୍ ଉତ୍ସୁକତାର ସହିତ ପଚାରିଲା । 'ହଁ, କାହିଁକି ନୁହେଁ !' ତା'ପରେ ଦୁହେଁ କିଛି ପୁରୁଣା ଗୀତ ଶୁଣି ପରସ୍ପର ଆଳାପ ସମ୍ଭାଷଣ କରିବାରେ ଲାଗିଲେ । କଥା କଥାକେ ଅର୍ଚ୍ଚନା ନବୀନକୁ ପଚାରୁଥିଲା–'ଆପଣ କେମିତିକା ଝିଅକୁ ପସନ୍ଦ କରନ୍ତି ?' ନବୀନ ଈଷତ ହସ ଫୁଟାଇ କହୁଥିଲା ଯେ ଏଇ ଆଧୁନିକ ଯୁଗର ବ୍ୟବସ୍ଥା ସହିତ ତାଳମେଳ ଦେଇ ଆଗେଇପାରିବ । ଏମିତି ଦିନେ ନବୀନ ଅଫିସରୁ ତରତର ପଦପାତରେ ଘରକୁ ଫେରିଲେ । ଘରେ ସୁଡୁସୁଡୁ ଚାହା କପେ ପିଇ ପିହୁ ମୁହଁକୁ ଚାହିଁ ପଚାରିଲା– 'କଥା କ'ଣ, ଆଜି ତୁମର ସେ ବାନ୍ଧବୀ ଅର୍ଚ୍ଚନା ଆସିନାହିଁ ? ପିହୁ ! ସତରେ ତୁମେ କ'ଣ ଅର୍ଚ୍ଚନାର ମୋବାଇଲ ନମ୍ବର ଦେଇପାରିବ ? 'ପିହୁ ଖୁବ୍ ବିସ୍ମିତ ଚକିତ ହେଇ ଛିଡାହେଲା । ବଡ଼ଭାଇର କଥାଶୁଣି ସ୍ୱଗତୋକ୍ତି କରୁଥିଲା– 'ସାରାଦିନ ନିଜର ଅଫିସ୍ କର୍ମଚାରୀମାନେ ବଡ଼ଭାଇକୁ ଘେରି ରହୁଛନ୍ତି । ଅଥଚ ଏଯାବତ୍ ତାଙ୍କୁ କୌଣସି ମନପସନ୍ଦର ଝିଅ ମିଳୁନାହାନ୍ତି ।' ଏଣେ ନବୀନ ମଧ୍ୟ ଅର୍ଚ୍ଚନାର ମୋବାଇଲ ନମ୍ବରଟି ପାଇ ମନଖୁସିରେ ଆତ୍ମହରା ହୋଇ ଉଠୁଥିଲା । ବୋଧହୁଏ ନବୀନ ତା' ରେଡିଓରୁ ମଧୁର ସଙ୍ଗୀତ ମୂର୍ଚ୍ଛନାର ମହତ୍ୱକୁ ବେଶ୍ ବୁଝି ସାରିଥିଲା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସଟି, ଲେନ୍‌ନଂ-୯, ପ୍ଲଟ୍ ନଂ- ୪୫୬*
*ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*

# ଏସିଆ କପ୍ ଫାଇନାଲରେ ପହଞ୍ଚିଲା ଭାରତୀୟ ମହିଳା ଦଳ

**ଦାମ୍ବୁଲା**

ଶ୍ରୀଲଙ୍କାରେ ଚାଲିଥିବା ଏସିଆ କପ୍‌ର ଫାଇନାଲରେ ପହଞ୍ଚିଯାଇଛି ଭାରତୀୟ ମହିଳା ଦଳ। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବାଂଲାଦେଶକୁ ୧୦ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଭାରତ ୪ ଓଭରରେ ୧୦ ରନ ଦେଇ ୩ଟି ୱିକେଟ ନେଇଥିବା ରେଣୁକା ସିଂହଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ପୁରସ୍କାର ଦିଆଯାଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ମାତ୍ର ୮୦ ରନ କରିବାକୁ ସକ୍ଷମ ହୋଇଥିଲା। ୮୧ ରନ୍‌ର ବିଜୟ ଲକ୍ଷ୍ୟକୁ କୌଣସି ୱିକେଟ ନହରାଇ ୧୧ ଓଭରରେ ହାସଲ କରି ନେଇଥିଲା ଭାରତୀୟ ମହିଳା ଦଳ। ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଯଥାକ୍ରମେ ୫୫ ଓ ୨୬ ରନ କରି ଅପରାଜିତ ରହିଥିଲେ।

ମନ୍ଧାନା ୩୯ଟି ବଲ୍‌ରୁ ୯ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୫୫ ରନ କରିଥିବା ବେଳେ ଶେଫାଳି ବର୍ମା ୨୮ଟି ବଲ୍‌ରୁ ୨ଟି ଚୌକା ସହାୟତାରେ ୨୬ ରନ କରିଥିଲେ। ବାଂଲାଦେଶର କୌଣସି ବୋଲରଙ୍କୁ ସଫଳତା ମିଳି ନଥିଲା। ସେମାନଙ୍କ ମଧ୍ୟରୁ କେହି ଭାରତର ଏହି ଓପନିଂ ଯୋଡ଼ିଙ୍କୁ ଭାଙ୍ଗି ପାରି ନଥିଲେ।

ଅନ୍ୟପକ୍ଷରେ ବାଂଲାଦେଶ ତରଫରୁ ଅଧିନାୟିକା ନିଗାର ସୁଲତାନା ଓ ଶୋରନା ଅଖତରଙ୍କୁ ଛାଡ଼ି ବ୍ୟାଟିଂ କରିବାକୁ ଆସିଥିବା ଅନ୍ୟ ୬ ଜଣ ବ୍ୟାଟର ଏକ ଅଙ୍କ ପାର କରି ପାରି ନଥିଲେ। ନିଗାର ସୁଲତାନା ୫୧ଟି ବଲ୍‌ରୁ ୩୨ ନ କରିଥିବା ବେଳେ ଶୋରନା ଅଖତର ୧୮ଟି



ବଲ୍‌ରୁ ୧୯ ରନ କରିଥିଲେ। ବ୍ୟାଟିଂ କରିବାକୁ ଆସିଥିବା ଅନ୍ୟ ୬ ଜଣ ୬, ୪, ୮, ୧, ୧ ଓ ୫ ରନ କରିଥିଲେ। ନାହିଦା ଅଖତର ଖାତା ଖୋଲି ପାରି ନଥିବା ବେଳେ ଶୋରନା ଅଖତର ଅପରାଜିତ ରହିଥିଲେ।

ଭାରତ ପକ୍ଷରୁ ରେଣୁକା ସିଂହ ଓ ରାଧା ଯାଦବ ଭଲ ପ୍ରଦର୍ଶନ କରିଥିଲେ। ଉଭୟ ୩ଟି ଲେଖାଏଁ ୱିକେଟ ନେଇଥିବା ବେଳେ ପୂଜା ବସ୍ତ୍ରକାର ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ମହିଳା ଏସିଆ କପ୍‌ରେ ଭାରତୀୟ ଦଳ ନବମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଦଳ ୭ ଥର ଏସିଆ କପ ଚାମ୍ପିୟନ ହୋଇଛି। କେବଳ ୨୦୧୮ରେ ଦଳ ବାଂଲାଦେଶଠାରୁ ପରାସ୍ତ ହୋଇଥିଲା। ୨୦୦୪ରୁ ମହିଳା ଏସିଆ କପ ଆରମ୍ଭ ହୋଇଥିଲା। ପ୍ରଥମେ ଏଥିରେ ଦିନିକିଆ ଫର୍ମାଟରେ ଖେଳ ହେଉଥିଲା। ୨୦୧୨ରୁ ଏଥିରେ ଟି୨୦ ଫର୍ମାଟରେ ଖେଳ ହୋଇଆସୁଛି।

ଚଳିତ ଏସିଆ କପ୍‌ର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ। ସେମାନଙ୍କ ମଧ୍ୟରୁ ଯେଉଁ ଦଳ ଜିତିବ, ସେହି ଦଳ ସହିତ ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ ଖେଳିବ। ଭାରତ ପୂର୍ବରୁ ଏସିଆ କପ୍‌ର ଫାଇନାଲରେ ଶ୍ରୀଲାଙ୍କାକୁ ୫ ଥର ହରାଇ ଚାମ୍ପିୟନ ହୋଇଥିଲା ଭାରତ। ସେହିପରି ୨ଟି ଫାଇନାଲରେ ପାକିସ୍ତାନକୁ ହରାଇ ଚାମ୍ପିୟନ ହୋଇଥିଲା ଭାରତୀୟ ଦଳ।

## ୱାଶିଂଟନ ସୁନ୍ଦରଙ୍କୁ ସୁନୀଲ ନରେନଙ୍କ ଭୂମିକା ଦେବାକୁ ନିଶ୍ଚିତ କଲେ ଗମ୍ଭୀର



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର କୋଚ୍ ହେବା ପରେ ଆଇପିଏଲ୍ ଭଳି ରଣନୀତି ଆପଣାଇବାକୁ ଯାଉଛନ୍ତି ଗୌତମ ଗମ୍ଭୀର। ଏବେ ସେ ଏଭଳି ଜଣେ ଖେଳାଳିଙ୍କୁ ଖୋଜିବାରେ ସଫଳ ହୋଇଛନ୍ତି, ଯିଏ ବିଲକୁଲ୍ ସୁନୀଲ ନରେନଙ୍କ ଭଳି ଖେଳିବେ। ତାଙ୍କ ଉପରେ ମଇଦାନକୁ ଯାଇ ଚୌକା ଛକା ମାରିବାର ଦାୟିତ୍ୱ ରହିବ। ସେ ହେଲେ ୱାଶିଂଟନ ସୁନ୍ଦର। ଏବେ ଗମ୍ଭୀର ୱାଶିଂଟନଙ୍କୁ ସୁନୀଲ ନରେନଙ୍କ ଭୂମିକା ଦେବାକୁ ନିଶ୍ଚିତ କରିଛନ୍ତି।

ରିପୋର୍ଟ ମୁତାବକ, ଗମ୍ଭୀର ୱାଶିଂଟନଙ୍କୁ ବିସ୍ଫୋରକ ବ୍ୟାଟିଂର ଦାୟିତ୍ୱ ଦେଇଛନ୍ତି। ଏହି ଖେଳାଳିଙ୍କୁ ଲଗାତାର ୨ ଅଭ୍ୟାସ ମ୍ୟାଚ୍‌ରେ ନମ୍ବର ୩ରେ ବ୍ୟାଟିଂ କରାଯାଇଛି। ଏହି ସମୟରେ ସେ ବଡ଼ ଛକା ଚୌକାର ଅଭ୍ୟାସ କରିଛନ୍ତି। ଅର୍ଥାତ ତାଙ୍କୁ କେବଳ ଛକା-ଚୌକା ମାରିବାକୁ କୁହାଯାଇଛି। ସୁନୀଲ ନରେନଙ୍କ ଭଳି ୱାଶିଂଟନ ବାମହାତୀ ବ୍ୟାଟ୍ସମ୍ୟାନ ସାଙ୍ଗକୁ ଭଲ ବୋଲିଂ କରିଥାନ୍ତି। ଏଣୁ ଦଳକୁ ଫାଇଦା ମିଳିବ ବୋଲି କୁହାଯାଉଛି।

୨୪ ବର୍ଷୀୟ ସୁନ୍ଦର ଟି-୨୦, ଦିନିକିଆ ଏବଂ ଟେଷ୍ଟ ତିନୋଟି ଯାକ ଫର୍ମାଟରେ ଅର୍ଦ୍ଧଶତକ ମାରୁଛନ୍ତି। ରାଞ୍ଚିରେ ଗତବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷ ମୁକାବିଲାରେ ସୁନ୍ଦର ମାତ୍ର ୨୬ ବଲ୍‌ରେ ୫୦ ରନ୍ କରି ଚର୍ଚ୍ଚାକୁ ଆସିଥିଲେ। ଏଣୁ ସେ ଭଲ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି। ଏବେ ଗମ୍ଭୀରଙ୍କ ଏଭଳି ପ୍ରୟୋଗ ସଫଳ ହେବ କି ନାହିଁ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ଅଲିମ୍ପିକ୍ସରେ ପି.ଭି ସିନ୍ଧୁ ଜିତିବେ ପଦକ : ପ୍ରକାଶ ପାଦୁକୋନ

**ନୂଆଦିଲ୍ଲୀ**

ଭେଟେରାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଟପ୍ ସଟଲର ପି.ଭି ସିନ୍ଧୁଙ୍କୁ ନେଇ ବଡ଼ ଭବିଷ୍ୟବାଣୀ କରିଛନ୍ତି କୋଚ ପ୍ରକାଶ ପାଦୁକୋନ। ପ୍ୟାରିସ ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନରେ ତିନୋଟି ପଦକ ଜିତିବାର ଭାରତ ପାଖରେ ଏକ ବଡ଼ ସୁଯୋଗ ରହିଛି ଏବଂ ଏଥିରେ ସିନ୍ଧୁଙ୍କ ପାଇଁ ପଦକ ହ୍ୟାଟ୍ରିକ ସାମିଲ ଅଛି। ପ୍ରକାଶ କହିଛନ୍ତି, ସିନ୍ଧୁ ଅଲିମ୍ପିକ୍ସ ପାଇଁ ଅଭୂତପୂର୍ବ ପରିଶ୍ରମ କରିଛନ୍ତି। ତାଙ୍କର ପ୍ରସ୍ତୁତି ଭଲ ଚାଲିଛି ଏବଂ ସେ ଅଭ୍ୟାସ ଅଧିବେଶନରେ ଭଲ ଖେଳୁଛନ୍ତି। ତେଣୁ ପ୍ରସ୍ତୁତି ଦୃଷ୍ଟିରୁ ସବୁକିଛି ବହୁତ ଭଲ ହୋଇଛି। ଆମେ ତାଙ୍କ ମାନସିକ ଶକ୍ତି ଏବଂ ରଣନୀତି ଉପରେ କାର୍ଯ୍ୟ କରିଛୁ ଏବଂ ନିଶ୍ଚିତ କରିଛୁ ଯେ ସେ ସଠିକ ଷ୍ଟ୍ରୋକ୍‌କୁ ଭଲ ଭାବରେ ବ୍ୟବହାର କରୁଛନ୍ତି। ସେ ନିଶ୍ଚିତ ଏକ ପଦକ ଜିତିବେ ବୋଲି ଆଶ କରୁଛି। ସିନ୍ଧୁ ହେଉଛନ୍ତି ଏକମାତ୍ର ଭାରତୀୟ ମହିଳା ଖେଳାଳି ଯିଏକି ଦୁଇଟି ଅଲିମ୍ପିକ ପଦକ ଜିତିଛନ୍ତି। ୨୦୧୬ରେ ରିଓରେ ରୌପ୍ୟ ଏବଂ ଟୋକିଓରେ ବ୍ରୋଞ୍ଜ ଜିତିଛନ୍ତି।

# ଭବିଷ୍ୟତରେ ଟିମ୍ ଇଣ୍ଡିଆର ୩ ଫର୍ମାଟର ଅଧିନାୟକ ହେବେ ଗିଲ !

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ୨୪ ବର୍ଷୀୟ ଓପନର ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍‌ଙ୍କୁ ନିକଟରେ ଶ୍ରୀଲଙ୍କା ଗସ୍ତ ଲାଗି ଦିନିକିଆ ଏବଂ ଟି୨୦ରେ ଭାରତର ଉପଅଧିନାୟକ ନିଯୁକ୍ତ କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କୁ ଏହି ସିରିଜ୍ ଲାଗି ଟି-୨୦ ଅଧିନାୟକ ଏବଂ ରୋହିତଙ୍କୁ ଦିନିକିଆ ସହ ଟେଷ୍ଟ ଟିମ୍‌ର ନେତୃତ୍ୱ ମିଳିଛି।

ରିପୋର୍ଟ ମୁତାବକ, ଶୁଭମନ ଗିଲ୍‌ଙ୍କୁ ବାଲାଂଦେଶ ବିପକ୍ଷ ଆଗାମୀ ଘରୋଇ ଟେଷ୍ଟ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଟିମ୍‌ର ଉପଅଧିନାୟକ କରାଯାଇପାରେ। ଯଦି ସେ ଟେଷ୍ଟରେ ଏହି ଦାୟିତ୍ୱ ତୁଲାନ୍ତି ତେବେ ଭବିଷ୍ୟତରେ ଏକାସହ ୩ ଫର୍ମାଟରେ ଟିମ୍ ଇଣ୍ଡିଆର ଅଧିନାୟକ ହେବାର ସମ୍ଭାବନା ବୃଦ୍ଧି ପାଇବ।

ଭାରତୀୟ ଚୟନକର୍ତ୍ତା ଭବିଷ୍ୟତ ବିଷୟରେ ନିଜର ଯୋଜନା ସ୍ପଷ୍ଟ କରିଛନ୍ତି। କାରଣ ସେ ଗିଲ୍‌ଙ୍କୁ ଭାରତର ଭାବି ଅଧିନାୟକ ଭାବେ ଦେଖୁଛନ୍ତି। ରୋହିତଙ୍କ ବୟସ ୩୭ ବର୍ଷ ହୋଇଥିବା ବେଳେ ସେ ଆଉ କିଛି ବର୍ଷ ଖେଳିପାରନ୍ତି। ସୂର୍ଯ୍ୟକୁମାର ଯାଦବଙ୍କୁ ମଧ୍ୟ ୩୩ ବର୍ଷ ହେଲାଣି, ଅର୍ଥାତ ସେ ଯେବେ ଯାଏ ସନ୍ନ୍ୟାସ ନେବେ, ଗିଲ୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବେ। ଏହି ଭୂମିକା ତୁଲାଇବା ପାଇଁ



ତାଙ୍କ ପାଖରେ ପର୍ଯ୍ୟାପ୍ତ ଅନୁଭବ ରହିବ।

ନିକଟରେ ଏକ ଖବରଦାତା ସମ୍ମିଳନୀରେ ଅଜିତ ଅଗରକର ଗିଲ୍‌ଙ୍କୁ ଭାରତର ଆଗାମୀ ଉପଅଧିନାୟକ କରିବା ପଛର ନିଜ ଯୋଜନା ବିଷୟରେ କହିଥିଲେ। ସେ କହିଥିଲେ ଯେ ଗିଲ୍ ଏଭଳି ଜଣେ ଖେଳାଳି ଯାହାଙ୍କୁ ଆମେ ୩ ଫର୍ମାଟର ଖେଳାଳି ଭାବୁ। ଗତ ୧ ବର୍ଷ ଧରି ସେ ଅନେକ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଏଣୁ ଏଭଳି ଜଣେ ଖେଳାଳିଙ୍କୁ ଦଳରେ ରଖିବାକୁ ଚାହୁଁଥିଲୁ ଯିଏ ଟିମ୍‌ରେ ଥିବା କିଛି ବରିଷ୍ଠ ଖେଳାଳିଙ୍କଠାରୁ ଶିଖିପାରିବେ। ସୂର୍ଯ୍ୟକୁମାର ଦଳରେ ଅଛନ୍ତି, ରୋହିତ ଏବେ ବି ଅଛନ୍ତି। ଆଗକୁ ଆମେ ହଠାତ ନୂଆ ଅଧିନାୟକ ଖୋଜିବା ଭଳି ଚ୍ୟାଲେଞ୍ଜ ସାମ୍ନା କରିବାକୁ ଚାହୁଁନା ବୋଲି ସେ କହିଥିଲେ।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ : କୃଷ୍ଣଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ



**ଭୁବନେଶ୍ୱର**

ମଧ୍ୟପ୍ରଦେଶଠାରେ ଆୟୋଜିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ୬ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୬ କାଂସ୍ୟ ସହ ମୋଟ୍ ୨୩ ପଦକ ଜିତିଛନ୍ତି। କୃଷ୍ଣ ଚନ୍ଦ୍ର ସାହୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ଜିତିଥିଲା ବେଳେ ମାଷ୍ଟର-୨ ବୟସ ବର୍ଗରେ ଶ୍ରେଷ୍ଠ ଲିଫ୍ଟର ହୋଇଛନ୍ତି। ଏଥିସହ ସେ ସ୍କ୍ୱାଟ୍‌ରେ ଜାତୀୟ କୀର୍ତ୍ତିମାନ କରିଥିଲେ। ଅନ୍ୟ ଦୁଇ ସ୍ୱର୍ଣ୍ଣ ସେ ଡିଡ୍ ଲିଫ୍ଟ ଓ ଓଭାରଲ୍‌ରେ ପାଇଥିଲେ। ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଗୋଟିଏ ରୌପ୍ୟ ଓ ୨ କାଂସ୍ୟ ପାଇଥିଲା ବେଳେ ଉମାକାନ୍ତ ବେହେରା ଗୋଟିଏ ରୌପ୍ୟ, ବାବୁଲା ସାମଲ ଗୋଟିଏ ସ୍ୱର୍ଣ୍ଣ ଓ ୨ ରୌପ୍ୟ ଜିତିଥିଲେ। ଗୀତାଞ୍ଜଳି ନାୟକ ୪ ରୌପ୍ୟ, ଶର୍ମିଷ୍ଠା ସେନାପତି ୧ ସ୍ୱର୍ଣ୍ଣ ଓ ୩ ରେପ୍ୟ କରାୟତ୍ତ କରିଥିଲେ। ବୈଭବ କୁମାର ଥାଣ୍ଡି ଜାତୀୟ କୀର୍ତ୍ତିମାନ ସହ ବେଞ୍ଚରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ଓଭରାଲରେ କାଂସ୍ୟ ପାଇଥିଲେ। ସୁଜିତ କୁମାର ଗିରି ୩ଟି କାଂସ୍ୟ ଜିତିଥିଲେ। ଏହି ପ୍ରତିଯୋଗିତାରୁ ଓଡ଼ିଶାରୁ ୧୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ସହ ପି. ଶ୍ରୀନିବାସ (ପ୍ରବନ୍ଧକ) ଓ ରାଜେଶ ଶତପଥୀ (ପ୍ରଶିକ୍ଷକ) ଦଳ ସହ ମଧ୍ୟପ୍ରଦେଶ ଗସ୍ତ କରିଥିଲେ। ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଅଭିନନ୍ଦନ ଜଣାଇଛି।

## ରାଜ୍ୟସ୍ତରୀୟ ଉଶୁ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାକୁ ଦଳଗତ ୩ୟ ପୁରସ୍କାର

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସ୍ତରୀୟ ଉଶୁ କ୍ରୀଡ଼ା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାକୁ ମିଳିଛି ବଡ଼ ସଫଳତା। ରାଉରକେଲା ଠାରେ ଆୟୋଜିତ ୩୦ତମ ରାଜ୍ୟ ସ୍ତରୀୟ ଉଶୁ ପ୍ରତିଯୋଗିତାରେ ମୟୂରଭଞ୍ଜର ବରିଷ୍ଠ ଦଳକୁ ତୃତୀୟ ପୁରସ୍କାର ମିଳିଛି। ସୂଚନାନୁସାରେ, ଏହି ପ୍ରତିଯୋଗିତା ପାଇଁ ଜିଲ୍ଲାରୁ ସବ୍-ଜୁନିଅର, ଜୁନିଅର ଏବଂ ସିନିଅର ବିଭାଗ ଉଶୁ ଦଳର ସର୍ବମୋଟ ୩୧ଜଣିଆ ଖେଳାଳିଙ୍କୁ ନେଇ ଉଶୁ କ୍ରୀଡ଼ା ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ମହାନ୍ତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ସମସ୍ତ ଖେଳାଳି ବ୍ୟକ୍ତିଗତ ସ୍ତରରେ ସଫଳତା ଲାଭ କରିବା ସହିତ ସର୍ବ ସ୍ତରରେ ମୟୂରଭଞ୍ଜ ଦଳକୁ ଏହି ତୃତୀୟ ପୁରସ୍କାର ମିଳିଛି। ଏହି ପରିପ୍ରେକ୍ଷୀରେ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ



ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସଫଳତାକୁ ଆହୁରି ତ୍ୱରାନ୍ୱିତ କରିବାପାଇଁ ଉପଦେଶ ଦେଇଛନ୍ତି। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତିଙ୍କ ସହ ସମସ୍ତ ସଫଳ କ୍ରୀଡ଼ାବିତ୍, କୋଚ ଏବଂ ସହାୟକ ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟି ଏହି ସଫଳତା ବିଷୟରେ ସୂଚନା ଦେବା ସହ ଆଗକୁ ଜିଲ୍ଲାରେ କିଭଳି ଉଶୁ କ୍ରୀଡ଼ାର ବିକାଶ ହେବ ସେ ବିଷୟରେ ଆଲୋଚନା କରିଛନ୍ତି। ଏଥି ନିମନ୍ତେ ଜିଲ୍ଲାପାଳ, ଉଶୁ ଅଭ୍ୟାସ ପାଇଁ ପ୍ରକୃଷ୍ଟ ମ୍ୟାଟ, ଏବଂ ଉନ୍ନତ ମାନର ଇଣ୍ଡୋର ଅଭ୍ୟାସର ବ୍ୟବସ୍ଥା ମଧ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଥାଉକି ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଚଳିତ ବର୍ଷ ଜୁଲାଇ ୫ ରୁ ଆରମ୍ଭ ହୋଇ ୭ରେ ଶେଷ ହୋଇଥିଲା ଏବଂ ସମସ୍ତ ଜିଲ୍ଲା ମାନଙ୍କୁ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ଦଳଗତ ଭାବେ ୩ୟ ପୁରସ୍କାର ପ୍ରାପ୍ତ କରିଛନ୍ତି।

## ୧୯ମହଲା ଉପରୁ ଡେଇଁ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ସାମି : ଉମେଶ କୁମାର



**ନୂଆଦିଲ୍ଲୀ**

୧୯ମହଲା ଉପରୁ ଡେଇଁ ଜୀବନ ହାରିବାକୁ ଚାହୁଁଥିଲେ ମହମ୍ମଦ ସାମି। ଏବେ ତାଙ୍କ ବନ୍ଧୁ ଉମେଶ କୁମାର ଏହି ବଡ଼ ଖୁଲାସା କରିଛନ୍ତି। ସାମିଙ୍କ ବନ୍ଧୁ ଉମେଶ ପ୍ରକାଶ କରିଛନ୍ତି ଯେ, ଏଭଳି ଏକ ସମୟ ଥିଲା ଯେତେବେଳେ ସାମି ଆତ୍ମହତ୍ୟା କରିବାକୁ ଚିନ୍ତା କରୁଥିଲେ। ଏକ ସାକ୍ଷାତ୍‌କାରରେ ଉମେଶ ଏହିସବୁ ବିଷୟରେ ପ୍ରକାଶ କରିଛନ୍ତି।

ଗତ କିଛି ବର୍ଷ ସାମିଙ୍କ ପାଇଁ କଷ୍ଟଦାୟକ ଥିଲା। ପତ୍ନୀଙ୍କଠାରୁ ଅଲଗା ହେବା ସହ ତାଙ୍କ ବିରୋଧରେ ମ୍ୟାଚ୍ ଫିକ୍ସିଂର ଆରୋପ ଲାଗିଥିଲା। ତାଙ୍କ ପତ୍ନୀ ହସିନ ଜାହାନ ମଧ୍ୟ ତାଙ୍କ ବିରୋଧରେ ଘରୋଇ ହିଂସାର ଅଭିଯୋଗ କରିବା ସହ ଜଣେ ପାକିସ୍ତାନୀ ମହିଳାଙ୍କଠାରୁ ଟଙ୍କା ନେଇ ସାମି ମ୍ୟାଚ୍ ଫିକ୍ସିଂ କରିଥିବାର ଅଭିଯୋଗ କରିଥିଲେ। ଏହି ସମୟରେ ସାମି ଅଧିକ ଭାଙ୍ଗିପଡ଼ିବା ସହ ଜୀବନ ହାରିବାକୁ ଚାହୁଁଥିଲେ ବୋଲି କହିଛନ୍ତି ଉମେଶ। ତାଙ୍କ କହିବା ମୁତାବକ, ସାମି ସେ ସମୟରେ ଅନେକ ସମସ୍ୟା ସହ ଲଢୁଥିବା ବେଳେ ମୋ ସହ ରହୁଥିଲେ। ମ୍ୟାଚ୍ ଫିକ୍ସିଂର ଆରୋପ ଲାଗିବା ପରେ ତାଙ୍କର ଯାଞ୍ଚ କରାଯାଇଥିଲା। ଯେଉଁଦିନ ରାତିରେ ଯାଞ୍ଚ ହୋଇଥିଲା ସେଦିନ ରାତିରେ ସେ ଶୋଇନଥିଲେ। ମୁଁ ଭୋର ୪ଟା ବେଳେ ପାଣି ପିଇବାକୁ ଉଠିବା ବେଳେ ସେ ବାଲ୍‌କୋନୀରେ ବସିଥିଲେ। ତାଙ୍କୁ ଦେଖି ମୁଁ ଚମକିପଡ଼ିଥିଲି। ପରେ ତାଙ୍କ ସହ କଥା ହେବାରୁ ଜାଣିପାରିଲି ଯେ, ସେ ଜୀବନ ହାରିବା ବିଷୟରେ ଚିନ୍ତା କରୁଥିଲେ। ସେ ମୋତେ କହିଥିଲେ ମୁଁ ସବୁ ସହିଯିବି ହେଲେ ଦେଶ ପ୍ରତି ବିଶ୍ୱାସଘାତକତା କରିଥିବାର ଆରୋପ ସହିପାରିବି ନାହିଁ। କିଛି ଦିନ ବିତିବା ପରେ ତାଙ୍କୁ ମ୍ୟାଚ୍ ଫିକ୍ସିଂ ଆରୋପରୁ କ୍ଲିନ୍ ଚିଟ୍ ମିଳିଥିଲା। ସେହି ଦିନ ସାମିଙ୍କ ପାଇଁ ବହୁତ ବଡ଼ ଖୁସିର ଦିନ ଥିଲା।

## ରାଜଧାନୀର ସୌନ୍ଦର୍ଯ୍ୟକରଣ ପାଇଁ ପାର୍କରେ ଲାଗିବ ସୋଲାର ଟ୍ରି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସବୁଜ ଭୁବନେଶ୍ୱର ଅଭିଯାନରେ ବିଏମ୍‌ସି ଅଞ୍ଚଳରେ ଲକ୍ଷେ ଗଛ ଲାଗିବ। କେଉଁଠି ଲାଗିବ ଓ କେମିତି ବଞ୍ଚିରହିବ ସେ ନେଇ ପ୍ରସ୍ତୁତ ହୋଇଛି ରୋଡ୍‌ମ୍ୟାପ୍ ୧୩ଟି ସ୍ଥାନରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ପାଇଁ ଜାଗା ଚିହ୍ନଟ ହୋଇଥିବା ବେଳେ କର୍ପୋରେଟରମାନେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ କୁହାଯାଇଛି। ବିଭିନ୍ନ ହୋଟେଲ ମାଲିକ, ବ୍ୟବସାୟୀକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଆବାସିକ କଲ୍ୟାଣ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଙ୍କ ସହ ଆଲୋଚନା ହୋଇଛି। ଯେଉଁମାନଙ୍କର ଖାଲିସ୍ଥାନ ରହିଛି, ସେମାନେ ନିଜ ଉଦ୍ୟମରେ ବୃକ୍ଷ ରୋପଣ ଓ ରକ୍ଷଣାବେକ୍ଷଣ କରିବେ। ବିଏମ୍‌ସି ଚାରା ଯୋଗାଇ ଦେବ। ବିଏମ୍‌ସିରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ଏ ସମ୍ପର୍କିତ ଏକ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସବୁଜ ଭୁବନେଶ୍ୱର ଗଠନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଜଙ୍ଗଲ ବିଭାଗ ଓ ବିଏମ୍‌ସିର ମିଳିତ ଉଦ୍ୟମରେ ଏକ ଲକ୍ଷ ବୃକ୍ଷ ରୋପଣ କରାଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ଶୁଭେନ୍ଦୁ କୁମାର ସାହୁ ବିଭାଗୀୟ ନିଷ୍ପତ୍ତି ଉପରେ ସୂଚନା ଦେଇଥିଲେ। ସେହିଭଳି ସବୁଜ ଭୁବନେଶ୍ୱର ଅଭିଯାନରେ ଅକ୍ଷୟ ଶକ୍ତି ବ୍ୟବହାର ବହୁଳ ହେବ। ସୋଲାର ଟ୍ରି, ରୁଫ ଟପ୍ ସୋଲାର, ସରକାରୀ କାର୍ଯ୍ୟାଳୟ, ୱାଟର କିଓସ୍କ, ଇଭି ଚାର୍ଜି ଷ୍ଟେସନ, ସାଇନ୍ ବୋର୍ଡ ଓ ଟ୍ରାଫିକ ଲାଇଟ୍ ଆଦିରେ ସୌରଶକ୍ତି ବ୍ୟବହାର ହେବ। ଏହା ଓରେଡା ଓ ଟିପିସିଓଡିଏଲ୍ ମିଳିତ ଭାବେ କରିବେ। ଏଥିରେ ବିଦ୍ୟୁତ ଶକ୍ତି ସଞ୍ଚୟ ହେବ । ତେବେ ବିଏମ୍ ?ସି ମଧ୍ୟ ପ୍ରତି ୱାର୍ଡରେ ୨ଟି ଲେଖାଏଁ ସୋଲାର ଲାଇଟ୍ ସହ ସମଗ୍ର ସହରରେ ୪୦୦ରୁ ଅଧିକ ଷ୍ଟ୍ରିଟ୍ ଲଗାଇବ ପାର୍କ, ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ୧୦୦ଟି ସୋଲାର ଟ୍ରି ଲାଗିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିସନର ଘାସିରାମ ମୁର୍ମୁ ଓ ସସ୍ମିତା ସାହୁ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ଡେପୁଟି କମିସନର (ପରିବେଶ) କାଜଲ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

## ଅଲିମ୍ପିକ୍ସରେ ସଫଳତା ପାଇଁ କିଶୋର ଓ ଅମିତ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର**

ବହୁ ପ୍ରତୀକ୍ଷିତ ପ୍ୟାରିସ ଅଲିମ୍ପିକ୍ସ-୨୦୨୪ ଶୁକ୍ରବାର ରାତିରେ ଆରମ୍ଭ ହୋଇଛି। ଏହି କ୍ରୀଡ଼ା ମହାକୁମ୍ଭକୁ ସମଗ୍ର ବିଶ୍ୱବାସୀ ଚାହିଁ ରହିଥିବା ବେଳେ ଓଡ଼ିଶାବାସୀ ମଧ୍ୟ ବଡ଼ ସ୍ୱପ୍ନ ଦେଖିଛନ୍ତି। ଓଡ଼ିଶାମାଟିର ୨ ଜଣ ଯୁବ ପ୍ରତିଭା ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି,



ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିବା ଓଡ଼ିଶାର ଦୁଇ ଗର୍ବ, ଜାଭେଲିନ ଖେଳାଳି କିଶୋର ଜେନା ଏବଂ ହକି ତାରକା ଅମିତ ରୋହିଦାସଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ବିଶ୍ୱ କ୍ରୀଡ଼ା ମହାକୁମ୍ଭରେ ଉଭୟ ଖେଳାଳିଙ୍କ ସମେତ ସମସ୍ତ ଭାରତୀୟ ଖେଳାଳିଙ୍କ ଐତିହାସିକ ସଫଳତା ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଅଲିମ୍ପିକ୍ସ ଇତିହାସରେ ପ୍ରଥମ ଥର ପାଇଁ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଷ୍ଟାଡିୟମ ବାହାରେ ଏବଂ ନଈ ମଝିରେ ଅନୁଷ୍ଠିତ ହୋଇଛି। ଏଥିଲାଗି ପ୍ୟାରିସ୍‌ର ସେନ ନଦୀ ଭିତରେ ଓ କୂଳରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଅଂଶଗ୍ରହଣକାରୀ ଦେଶଙ୍କ ପାରମ୍ପରିକ ପରେଡ ପ୍ୟାରିସ୍ ଛାତିରେ ବହି ଯାଉଥିବା ସେନ ନଈର ନୀଳ ଜଳରେ ପୂର୍ବରୁ ପଶ୍ଚିମ ୬ କିଲୋମିଟର ଧରି ଦେଖିବାକୁ ମିଳିଥିଲା। ଆଖି ଝଲସେଇ ଦେଲାଭଳି ଆତସବାଜି, ନୃତ୍ୟ ଓ ସଂଗୀତର ତାଳେତାଳେ ୧୦,୦୦୦ରୁ ଅଧିକ ଖେଳାଳି ୧୦୦ଟି ନୌକାରେ ବସି ନଟ୍ରେ ଡ୍ୟାମ୍, ପଣ୍ଟ ଡେସ ଆର୍ଟସ, ପଣ୍ଟ ନିଉଫ ଭଳି ପ୍ୟାରିସ୍‌ର ବହୁ ଐତିହାସିକ ସ୍ଥଳୀ ଅତିକ୍ରମ କରିଥିଲେ। ନଈର ଦୁଇ ପଟେ ଦର୍ଶକ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ରହି ଖେଳାଳିଙ୍କୁ ସ୍ୱାଗତ କରିଥିଲେ। ଏହି ଭାସମାନ ପରେଡ ଅଲଷ୍ଟରଲିଜ ପୋଲଠାରୁ ଆରମ୍ଭ ହୋଇ ଟ୍ରୋକାଡେରୋଠାରେ ଶେଷ ହୋଇଥିଲା। ଟ୍ରୋକାଡେରୋଠାରେ ହିଁ ଅଲିମ୍ପିକ୍ସର ପୁରୁଣା ରୀତିନୀତି ସହ ମନ୍ତ୍ରମୁଗ୍ଧକାରୀ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା ଯାହା ୩ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା।

### ନାଗାବଳୀ ଜଳ ପରିଚାଳନାରେ ଓଡ଼ିଶା ସମ୍ପୂର୍ଣ୍ଣ ବିଫଳ

# ବୋହି ଯାଉଥିବା ପାଣିକୁ ସଞ୍ଚୟ କରି ଫାଇଦା ହାସଲ କରୁଛି ଆନ୍ଧ୍ର

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଜୀବନରେଖା ଚିରସ୍ରୋତା ନାଗାବଳୀ ନଦୀ। କଳାହାଣ୍ଡି ଜିଲ୍ଲା ନିୟମଗିରି ପାହାଡ଼ ଅନ୍ତର୍ଗତ ଲାଖବାହାଲ ଏହାର ଉତ୍ପତ୍ତିସ୍ଥଳ ହୋଇଥିଲେ ସୁଦ୍ଧା ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ୧୧୦କିଲୋମିଟର ଅଞ୍ଚଳରେ ପ୍ରବାହିତ ହେଉଛି। ସେହିପରି କାଳାହାଣ୍ଡି ଜିଲ୍ଲାରେ ୫୧ କିଲୋମିଟର ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ରରେ ୯୫ କିଲୋମିଟର ପ୍ରବାହିତ ହେଉଛି। ତେବେ ନାଗାବଳୀ ଜଳ ପରିଚାଳନାରେ ଓଡ଼ିଶା ସଂପୂର୍ଣ୍ଣ ବିଫଳ ହୋଇଛି। ବୋହି ଯାଉଥିବା ପାଣିକୁ ଆନ୍ଧ୍ର ଗଚ୍ଛିତ ରଖି ଚାଷରେ ବିନିଯୋଗ କରିବା ସହ ଶିଳ୍ପ ନିମନ୍ତେ ମଧ୍ୟ ଉପଯୋଗ କରୁଛି। ବାର୍ଷିକ ପାଖାପାଖି ୩୦ହଜାର ଘନମିଟର ଜଳ ନାଗାବଳୀ ନଦୀରେ ପ୍ରବାହିତ ହେଉଛି। ଯାହାକୁ ଗଚ୍ଛିତ ରଖିବା ନିମନ୍ତେ ସୁରକ୍ଷା ବନ୍ଧ ନିର୍ମାଣ କରିବାକୁ ନାବାର୍ଡକୁ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ଓଡ଼ିଶାରେ ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ମଧ୍ୟ ଯୋଜନା ହୋଇଥିଲା। କିନ୍ତୁ ଉଭୟ ପ୍ରକଳ୍ପ ଶୀତଳଭଣ୍ଡାରକୁ ଚାଲିଯାଇଛି। ବିଡ଼ମ୍ବନା ହେଲା ନଦୀ ଅବବାହିକାରେ ରହିଥିବା ମୋଟ ଚାଷ ଜମିରୁ ମାତ୍ର ୩୧ପ୍ରତିଶତ ଜମିରେ ନାଗାବଳୀ ପାଣି ପହଞ୍ଚି ପାରୁଛି। ଆକଳନ ଅନୁସାରେ ଦୀର୍ଘ ମିଆଦି ଯୋଜନା କରି ପ୍ରକଳ୍ପ ନିର୍ମାଣ ହେଲେ ପ୍ରାୟ ୩୦ହଜାର ହେକ୍ଟର ଜମି ଜଳସେଚିତ ହୋଇପାରିବ। ତେବେ ଦୂରଦୃଷ୍ଟି ଅଭାବରୁ ବର୍ତ୍ତମାନ ମାତ୍ର ୩ହଜାର ହେକ୍ଟର ଜମି ଜଳସେଚିତ ହେଉଛି। ତାହା ବି କେବଳ ଉଠା ଜଳସେଚନ ପ୍ରକଳ୍ପ ଯୋଗୁଁ ସମ୍ଭବ ହୋଇପାରିଛି। ନଚେତ ଜଳସେଚିତ ଜମି ପରିମାଣ ଯଥେଷ୍ଟ କମ ହୋଇଥାନ୍ତା ବୋଲି କୁହାଯାଉଛି। ନାଗାବଳୀ ପାଣିରେ ଆନ୍ଧ୍ରର ୪୮ହଜାର ହେକ୍ଟର ଜମି ଜଳସେଚିତ। ବେଲକଣାଠାରେ ଜଳ ସଞ୍ଚୟ ନିମନ୍ତେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ବସନ୍ତ ବିଶ୍ୱାଳ ୧୯୯୮ ମସିହାରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୦୦ ମସିହାରେ ସରକାର ବଦଳିବା ପରେ ଉକ୍ତ ପ୍ରକଳ୍ପ ପ୍ରତି ଆଦୌ ଗୁରୁତ୍ୱ ଦିଆଗଲା ନାହିଁ। ସେହିପରି ରାୟଗଡ଼ା ସହରକୁ ନଦୀ ଜଳ ଯୋଗାଣ ପାଇଁ ଯୋଜନା ହୋଇଥିଲେ ସୁଦ୍ଧା ତାହା ଏଯାଏ ବାସ୍ତବ ରୂପ ନେଇପାରିଲା ନାହିଁ। ଅପରପକ୍ଷରେ ଆନ୍ଧ୍ର ସରକାର ପାର୍ବତୀପୁରମ ନିକଟସ୍ଥ ତୋଟାପଲ୍ଲୀରେ ନାଗାବଳୀ ପାଣି ଗଚ୍ଛିତ ରଖିବାକୁ ବୃହତ୍ ଜଳସେଚନ ପ୍ରକଳ୍ପ ୨୦୦୩ ମସିହାରେ ଆରମ୍ଭ କରିଥିଲେ। ୨୦୧୫ ମସିହାରେ ପ୍ରକଳ୍ପ ଶେଷ ହେବାପରେ ବର୍ତ୍ତମାନ ୪୮ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମି ଜଳସେଚିତ ହେଉଛି ଆନ୍ଧ୍ର ସରକାରଙ୍କ ଏହି ପ୍ରକଳ୍ପ କେବଳ ଆନ୍ଧ୍ରକୁ ଶସ୍ୟଶ୍ୟାମଳା କରୁନାହିଁ, ଓଡ଼ିଶା ପାଇଁ ମଧ୍ୟ ପ୍ରତିବର୍ଷ ବିପଦ ଆସୁଛି। କାରଣ ବର୍ଷା ଦିନେ ଏହି ପ୍ରକଳ୍ପର ପାଣି ସୀମାନ୍ତ ଅନେକ ଗାଁରେ ପଶୁଛି। ରାୟଗଡ଼ାରେ ନଦୀର ସିଂହଭାଗ ଅଂଶ ସହ ପ୍ରଚୁର ସମ୍ଭାବନା ସତ୍ତ୍ୱେ ଉଦାସୀନତା କାରଣରୁ ଓଡ଼ିଶା ବିପୁଳ କ୍ଷତି ସହୁଛି। ତଥାପି ସରକାର ଏଥିପ୍ରତି ଆଦୌ ଯତ୍ନବାନ ହେଉନାହାନ୍ତି। କୋରାପୁଟ ସର୍ଭେ ଇନଭେଷ୍ଟିଗେସନ୍ ଡିଭିଜନ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଭେଜା ଠାରେ ପ୍ରକଳ୍ପ କରିବାକୁ ଯୋଜନା କରିଥିଲେ ସୁଦ୍ଧା କୌଣସି ପ୍ରକାର ଅଗ୍ରଗତି ହୋଇନାହିଁ। ଅନ୍ୟପଟେ ରାୟଗଡ଼ା ଜଳସେଚନ ଡିଭିଜନ ପାଣି ଭଳି ଟଙ୍କା ମଧ୍ୟ ଅପଚୟ କରିଚାଲିଛି। ଯାହାର ଉଦାହରଣ ହେଲା ନଦୀକୂଳ ସୁରକ୍ଷା ପାଇଁ ହେଉଥିବା ଖର୍ଚ୍ଚ। କ୍ରିଷ୍ଣାପାତ୍ରଗୁଡା, ମାଳିଗାଁ, ମାରିଗୁଡା, ପ୍ରତାପପୁର, ଗୁରୁରାଜଗୁଡା ଠାରେ କୂଳ ସୁରକ୍ଷା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବିଶେଷ ଫରକ ପଡ଼ିନଥିବା ଦେଖିବାକୁ ମିଳିଛି।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-669
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୧୬୮୯ / ଭୁ.ଉ.କ., ଭୁବନେଶ୍ୱର S.No.45/99 **ସୂଚନା** ତା ୦୧.୦୭.୨୦୨୪ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନୀଳକଣ୍ଠ ନଗର ମାର୍କେଟ୍ କମ୍ପ୍ଲେକ୍ସ, ମୌଜା-ନୟାପଲ୍ଲୀ, ଭୁବନେଶ୍ୱର ଅନ୍ତର୍ଗତ ଦୋକାନ ଗୃହ ନଂ- S-8 କୁ ଶ୍ରୀ ଶିବରାମ ଆଚାର୍ଯ୍ୟ, ପିତା-ଖଲି ଆଚାର୍ଯ୍ୟ, ଗ୍ରାମ-ନାୟକ ସାହି, ପୋଷ୍ଟ/ଥାନା- ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଶିବରାମ ଆଚାର୍ଯ୍ୟ ଉକ୍ତ ଦୋକାନ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀମତୀ ବିଷ୍ଣୁପ୍ରିୟା ନନ୍ଦ, ସ୍ୱାମୀ-ଶ୍ରୀ ଶୁବଳ ନନ୍ଦ, ଗ୍ରାମ-ପ୍ଲଟ୍ ନଂ-୩୧୯/୩୮୬୦, କ୍ରିଷ୍ଣପୁର, ମଳିପଡ଼ା, ପୋଷ୍ଟ/ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଦୋକାନ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
OIPR-13033/11/0080/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**OFFICE OF THE NIMAPARA NOTIFIED AREA COUNCIL** C-
At/Po/Ps:-Nimapara, Dist.-Puri, Odisha, Pin-752106 e-Mail:*-nimapadanac@gmail.com, Web: www.nimaparanac.in, Phone No. /Fax:-( 06758) 250229
No. 1595 Date. 26.07.204

**CORRIGENDUM**

Due to unavoidable Circumstances the Quotation Call Notice No. 1559 dt.18.07.2024 towards Supply of Man Power for Sanitation & Other Works of Nimapara NAC is hereby extended up to 5.00 P.M. of 31.07.2024. The same will be opened on 01.08.2024 at 11 A.M. & all other term & conditions are remain unchanged.

Sd/- Executive Officer
OIPR-13112/11/0002/2425 Nimapara N.A.C.

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଜୁଲାଇ ୨୦୨୪ ଶନିବାର







ଭୁବନେଶ୍ୱର : ଲୋକାଭିମୁଖୀ ବଜେଟ୍ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥି ଭବନଠାରେ ଧନ୍ୟବାଦ୍ ଜଣାଉଛନ୍ତି ସାଧାରଣ ଜନତା। (ଫଟୋ : ସମ୍ବାଦ କଳିକା)

# ବଜେଟ ରାଜ୍ୟ ଅର୍ଥନୀତିକୁ ଦୁଇପାଦ ପଛକୁ ନେବ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଗୁରୁବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ବଜେଟ୍ ଏକ ଦୂରଦୃଷ୍ଟୀବିହୀନ, ମହିଳା, ଚାଷୀ, ଯୁବ ବିରୋଧୀ ବଜେଟ୍। ଏ ବଜେଟ୍ ସଂପୂର୍ଣ୍ଣ ଦିଶାହୀନ। କେବଳ ନବୀନ ସରକାର ସମସ୍ତ ଯୋଜନାକୁ ନାଁ ପରିବର୍ତ୍ତନ କରାଯାଇଥିବା ବଜେଟ୍ ବୋଲି ଶଙ୍ଖ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ମୁଖପାତ୍ର ଡ.ଲେଖାଶ୍ରୀ ସାମନ୍ତସିଂହାର।

ଡ. ସାମନ୍ତସିଂହାର କହିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟ ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ବିଭିନ୍ନ ଦିଗରେ ଶିଖର ଛୁଇଁଥିଲା। ରାଜ୍ୟର ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତରୁ କମ୍ ଥିଲା ବେଳେ ୨୬ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ରାଜ୍ୟ ହୋଇପାରିଥିଲା। ମୁଣ୍ଡପିଛା ଋଣ ଭାର କ୍ଷେତ୍ରରେ ଓଡ଼ିଶା ଦେଶରେ ସର୍ବନିମ୍ନ ସ୍ଥାନରେ ରହିଥିଲା। ଋଣ ଓ ଜିଏସଡିପି ହାର ମାତ୍ର ୧୩ ପ୍ରତିଶତରେ ସୀମିତ ରହିଥିଲା ଯାହା ଦେଶରେ ସର୍ବନିମ୍ନ। ଓଡ଼ିଶାର ଅର୍ଥନୀତିକୁ ୧ ଟ୍ରିଲିୟନ ଡଲାର ଛୁଇଁବା ପୂର୍ବର ନବୀନ ପଟ୍ଟନାୟକ ସରକାରଙ୍କ ଲକ୍ଷ୍ୟ ଥିଲା। କିନ୍ତୁ ଗୁରୁବାରର ବଜେଟ ଦିଶାହୀନ ହୋଇଥିଲା ବେଳେ ରାଜ୍ୟର ବିକାଶରେ ବ୍ରେକ୍ ଲାଗିଲା ବୋଲି ସେ କହିଥିଲେ। ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି ଏବେ ଅସ୍ମିତା ଭବନ କରିବା ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଅସ୍ମିତା ଏକ ବସ୍ତୁ ନୁହେଁ। ଯାହାକୁ ଏକ ଭବନ ଭିତରେ ସ୍ଥାପନ କରି ପ୍ରଦର୍ଶିତ କରାଯାଇପାରିବ। ଏହା ପ୍ରତିଟି ଓଡ଼ିଆର ହୃଦୟରେ ଜାଗ୍ରତ କରିବାକୁ ହେବ ଏବଂ ପରବର୍ତ୍ତୀ ପିଢି ପର୍ଯ୍ୟନ୍ତ ପହଞ୍ଚାଇବାକୁ ହେବ। ତେଣୁ ଅସ୍ମିତା ରକ୍ଷା କରିବା ନାଁରେ ଭବନ ତିଆରି କରିବା କେବଳ କିଛି କଣ୍ଟ୍ରାକ୍ଟରଙ୍କୁ ପୋଷିବା ସଙ୍ଗେ ସମାନ।

ନିର୍ବାଚନ ବେଳେ ବଡ ବଡ କଥା କହୁଥିବା ବିଜେପି ସରକାର ସାମାଜିକ ସୁରକ୍ଷା ଯୋଜନା ବା ଭତ୍ତା କ୍ଷେତ୍ରରେ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇଛନ୍ତି। ପୂର୍ବରୁ କହିଥିଲେ ଆମେ ୩୦୦୦ ଟଙ୍କା ସମସ୍ତଙ୍କୁ ଦେବୁ। କିନ୍ତୁ ଦିନରେ ତାରା ଦେଖାଇଲା ଭଳି, କେବଳ ୮୦ ବର୍ଷରୁ ଅଧିକ ବର୍ଷ ବୟସ ଲୋକ ଓ ୮୦ ପ୍ରତିଶତିରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତ୍ତା ୩୫୦୦ ଟଙ୍କା କରି ଅତି ଚତୁରତାର ସହ ଖସିଯିବାକୁ ଚେଷ୍ଟା କରିଛନ୍ତି। ଏଥିରେ କିଛି ହାତ ଗଣତି ହିତାଧିକାରୀ ଲାଭବାନ ହୋଇପାରିବେ କିନ୍ତୁ ପ୍ରାୟ ୯୦ ଭାଗ ହିତାଧିକାରୀ ରାଜ୍ୟସରକାରଙ୍କ ଚଞ୍ଚକତାର ଶିକାର ହୋଇଛନ୍ତି। ସେହିପରି ନିର୍ବାଚନରେ କହିଥିଲେ ରାଜ୍ୟର ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବୁ। କିନ୍ତୁ ବଜେଟରେ ସେମାନେ ଏଥିପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କଲେ ୧୦ ହଜାର କୋଟି ଟଙ୍କାରେ ରାଜ୍ୟରେ ମାତ୍ର ୨୦ ଲକ୍ଷ ମହିଳା ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବେ। କିନ୍ତୁ ରାଜ୍ୟର ପ୍ରାୟ ୮୦ ଲକ୍ଷ ମହିଳା ଏହି ଯୋଜନାରୁ ବଞ୍ଚିତ ହେବେ ବୋଲି ଡ. ସାମନ୍ତସିଂହାର କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ବିଭିନ୍ନ ନିର୍ବାଚନୀ ସଭାରେ ବିଜେପିର ବରିଷ୍ଠ ନେତାମାନେ ରାଜ୍ୟବାସୀଙ୍କୁ ୩୦୦ ୟୁନିଟ ବିଜୁଳି ମାଗଣା ଦେବେ ବୋଲି ଘୋଷଣା କରିଥିଲେ। ଏହି ବଜେଟରେ ସେ ସଂପର୍କରେ କିଛି ନଥିବାରୁ ରାଜ୍ୟର ବିଜୁଳି ଉପଭୋକ୍ତା ନିରାଶ ହୋଇଛନ୍ତି। ସେହିପରି ବେକାରୀ ସମସ୍ୟା, ମହିଳା ସୁରକ୍ଷା, ଆଇନ ଶୃଙ୍ଖଳା, ଦରଦାମ୍ ବୃଦ୍ଧି ଓ ଶିକ୍ଷର ଅଭିବୃଦ୍ଧି ଇତ୍ୟାଦି ପ୍ରସଙ୍ଗରେ ବଜେଟ ସଂପୂର୍ଣ୍ଣ ନିରବ ରହିଛି।

ସେହିପରି ବିଜେଡିର ଅନ୍ୟତମ ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି ରାଜ୍ୟରେ କ୍ଷମତା ହାସଲ କରିଥିଲା ବେଳେ ଗୁରୁବାର ବଜେଟ ମଧ୍ୟ ମିଥ୍ୟାରୁ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟର ସମୁଦାୟ ବଜେଟ ପରିମାଣ ୨ ଲକ୍ଷ ୬୫ ହଜାର କୋଟି ବୋଲି ଘୋଷଣା କରିବା ସହ ଏହା ପୂର୍ବ ବର୍ଷ ବଜେଟ ପରିମାଣଠାରୁ ୧୫ ପ୍ରତିଶତ ଅଧିକ ବୋଲି କହିଥିଲେ, ଯାହା ସଂପୂର୍ଣ୍ଣ ଭୁଲ୍। ଗତ ବର୍ଷର ସମୁଦାୟ ବଜେଟ ପରିମାଣ ୨ ଲକ୍ଷ ୫୮ ହଜାର କୋଟି ରହିଥିଲା, ତେଣୁ ଏବର୍ଷର ବଜେଟ ପରିମାଣ ପୂର୍ବ ବର୍ଷର ବଜେଟ ଠାରୁ ମାତ୍ର ୨.୭୧୩ ପ୍ରତିଶତ। ସେହିପରି କୃଷକ ସମୃଦ୍ଧ ଯୋଜନାରେ ୩ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହା ଧାନର ସର୍ବନିମ୍ନ ମୂଲ୍ୟରେ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ୍ ଦେବା ପାଇଁ ଖର୍ଚ୍ଚ ହେବ। ରାଜ୍ୟର ସମସ୍ତ ଧାନ କିଣା ପାଇଁ ୮୦୦ ଟଙ୍କା ବୋନସ୍ ପ୍ରଦାନ କଲେ ପ୍ରାୟ ୭ ହଜାର କୋଟିର ଆବଶ୍ୟକ ଥିବା ବେଳେ ମାତ୍ର ୩ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାରୁ ଏହା କେତେଦୂର ସଫଳ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେ ଆହୁରି ମଧ୍ୟ କହିଛନ୍ତି, ବିଜେପି ସରକାର କେନ୍ଦ୍ରରେ ୨୦୧୪ରେ କ୍ଷମତାକୁ ଆସିବା ପରେ ଦେଶର ସମୁଦାୟ ଋଣ ୨ଶହ ୫ ଲକ୍ଷ କୋଟି ବୃଦ୍ଧି ପାଇଛି। ସେହି ନ୍ୟାୟରେ ରାଜ୍ୟ ସରକାର ମଧ୍ୟ ରାଜ୍ୟର ଋଣ ଭାର ବୃଦ୍ଧି କରିବା ପାଇଁ ବଜେଟରେ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନବୀନ ସରକାରଙ୍କ ୨୪ ବର୍ଷର ଶାସନ କାଳରେ ୭୮ ହଜାର କୋଟି ଟଙ୍କା ଋଣ ହୋଇଥିଲା ବେଳେ ରାଜ୍ୟ ସରକାର ଏହି ବର୍ଷ ପ୍ରାୟ ୪୩ ହଜାର ୪ଶହ ୯୫ କୋଟି ଋଣ କରିବା ପାଇଁ ଆକଳନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।



# ରାୟଗଡ଼ା ରେଳ ମଣ୍ଡଳ ପ୍ରତିଷ୍ଠା ପାଇଁ ୭୦ କୋଟି ଟଙ୍କା ଆବଣ୍ଟନ : ରେଳମନ୍ତ୍ରୀ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ରେଳ ମଣ୍ଡଳ ପ୍ରତିଷ୍ଠା ପାଇଁ ଆବଣ୍ଟିତ ୭୦ କୋଟି ଟଙ୍କା ପ୍ରଦାନ ସହିତ ରାୟଗଡ଼ା ରେଳ ମଣ୍ଡଳର ପ୍ରତିଷ୍ଠା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ସାଂସଦ ବଳଭଦ୍ର ମାଝୀଙ୍କ ସହ ଆଲୋଚନା ପରେ ଗଣମାଧ୍ୟମକୁ ଏହା କହିଛନ୍ତି। ଏହି ପ୍ରକଳ୍ପ ପାଇଁ ଡିଜାଇନ୍ ଏବଂ ଯୋଜନା ପ୍ରସ୍ତୁତି ଚାଲିଥିବା ଶ୍ରୀ ବୈଷ୍ଣବ କହିଛନ୍ତି। ଡିଜାଇନ୍ ଏବଂ ଯୋଜନା ସମାପ୍ତ ହେବା ପରେ, ପରବର୍ତ୍ତୀ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି।

ଲୋକସଭା ସାଂସଦ ବଳଭଦ୍ର ମାଝୀ ଶୁକ୍ରବାର ରେଳମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇ କହିଛନ୍ତି ଯେ ବହୁ ପ୍ରତୀକ୍ଷିତ ତଥା ଜନସାଧାରଣ କେନ୍ଦ୍ରିତ ରାୟଗଡା ରେଳ ମଣ୍ଡଳ ପ୍ରତିଷ୍ଠା ପ୍ରସଙ୍ଗକୁ ସମାଧାନ କରିଥିବାରୁ ମୁଁ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ମନ୍ତ୍ରୀଙ୍କ ସହ ଆମର ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି ଏବଂ ମୁଁ ଆନନ୍ଦିତ ଯେ ରାୟଗଡ଼ା ରେଳ ମଣ୍ଡଳ ଗଠନ ପାଇଁ ପ୍ରାୟ ସମସ୍ତ ବ୍ୟବସ୍ଥା ସମାପ୍ତ ହେବାକୁ ଯାଉଅଛି। ଠିକ୍ ସମୟରେ ଏହା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ରାୟଗଡ଼ା ରେଳ ମଣ୍ଡଳର ପ୍ରତିଷ୍ଠା ଏହି ଅଞ୍ଚଳ ପାଇଁ ମହତ୍ୱପୂର୍ଣ୍ଣ ଅଟେ ଯାହାକି ସଂଯୋଗ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସହାୟକ ହେବ। ଏହି ବିକାଶ ଭିତ୍ତିଭୂମିରେ ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି।

# ଭାରତ ଉପରେ ରାଗିଗଲା ଆମେରିକା

**ୱାଶିଂଟନ :** ନିକଟରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ଗସ୍ତରେ ଯାଇଥିଲେ। ସେଠାରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ମଧ୍ୟ ଭେଟିଥିଲେ। ତେବେ ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ରୁଷିଆ ଗସ୍ତକୁ ନେଇ ଆମେରିକା ଅସନ୍ତୋଷ ବ୍ୟକ୍ତ କରିଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ନାଟୋ ଶିଖର ସମ୍ମିଳନୀ ଆୟୋଜନ କରିଥିଲେ। ଏଥି ସହ ପ୍ରଧାନମନ୍ତ୍ରୀ ମୋଦି ରୁଷିଆ ଗସ୍ତରେ ଥିଲେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦିଙ୍କ ରୁଷିଆ ଗସ୍ତକୁ ନେଇ ଭାରତ ମଧ୍ୟ ଆମେରିକାକୁ କଡା ବାର୍ତ୍ତା ଦେଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ରୁଷିଆ ଗସ୍ତକୁ ପସନ୍ଦର ସ୍ୱାଧୀନତା ବୋଲି ଭାରତ ସ୍ପଷ୍ଟ ଭାବେ ବର୍ଣ୍ଣନା କରିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହି ସାମ୍ବାଦିକ ସମ୍ମିଳନୀରେ ଆମେରିକା ସମ୍ବନ୍ଧରେ ଅନେକ କଠୋର ବିବୃତ୍ତି ଦେଇଛନ୍ତି ଜୟସ୍ୱାଲ କହିଛନ୍ତି, ରୁଷିଆ ସହିତ ଭାରତର ଦୀର୍ଘମିଆଦୀ ସମ୍ପର୍କ ରହିଛି ଏବଂ ଏହି ସମ୍ପର୍କ ପାରସ୍ପରିକ ସ୍ୱାର୍ଥ ଉପରେ ଆଧାରିତ ବହୁମୁଖୀ ଦୁନିଆରେ ସମସ୍ତ ଦେଶ ନିଜ ପସନ୍ଦକୁ ଅଗ୍ରାଧିକାର ଦେବାର ସ୍ୱାଧୀନତା ପାଇଛନ୍ତି। ସମସ୍ତେ ଏହିପରି ବାସ୍ତବତା ପ୍ରତି ସଚେତନ ହେବା ଏବଂ ସେମାନଙ୍କୁ ବୁଝିବା ଜରୁରୀ ଅଟେ। ଚଳିତ ମାସରେ ଦକ୍ଷିଣ ଏବଂ ମଧ୍ୟ ଏସିଆ ପାଇଁ ଆମେରିକାର ସହକାରୀ ବୈଦେଶିକ ସଚିବ ଡୋନାଲ୍ଡ ଲୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ରୁଷିଆ ଗସ୍ତ ଉପରେ ମନ୍ତବ୍ୟ ଦେଇଛନ୍ତି। ଲୁ କହିଛନ୍ତି, ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ନାଟୋ ଶିଖର ସମ୍ମିଳନୀ ଆୟୋଜନ କରୁଥିବା ସମୟରେ ପିଏମ ମୋଦିଙ୍କ ରୁଷିଆ ଗସ୍ତରେ ଆମେରିକା ନିରାଶ ହୋଇଛି।

# ଯୁବବର୍ଗଙ୍କୁ ଏଡ଼ସ ସଂକ୍ରମଣରୁ ଦୂରେଇ ରଖିପାରିବେ ଶିକ୍ଷକ : ଡାକ୍ତର ସନ୍ତୋଷ ସ୍ୱାଇଁ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ପକ୍ଷରୁ ଏକ ଜୋନ ସ୍ତରୀୟ କର୍ମଶାଳା ସ୍ଥାନୀୟ ରେଡକ୍ରସ ଭବନ ଠାରେ ଶୁକ୍ରବାର ଉଦ୍ଘାଟନ ହୋଇଛି। ବିଦ୍ୟାଳୟ ରେ ପଢୁଥିବା କିଶୋର କିଶୋରୀ ବିଦ୍ୟାର୍ଥୀମାନଙ୍କୁ ଏଡ଼ସ ପ୍ରତି ସଚେତନ କରିବାକୁ ରାଜ୍ୟ ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଓସାକ୍ସ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜୁନିଅର୍ ରେଡକ୍ରସ ସହଯୋଗରେ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ମିଳିତ ଭାବେ ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଏବଂ ରେଡକ୍ରସ୍‌ର ଅବୈତନିକ ସଚିବ ବିଭୁତି ଭୂଷଣ ପଟ୍ଟନାୟକ ଉଦ୍ଘାଟନ କରିଥିଲେ। ଏହି ତାଲିମ୍ ଶିବିରରେ ୮ଟି ଜିଲ୍ଲା ନୟାଗଡ଼, କେନ୍ଦ୍ରାପଡା, ଜଗତସିଂହପୁର, ଅନୁଗୁଳ, ପୁରୀ, ଢେଙ୍କାନାଳ, କଟକ, ଖୋର୍ଦ୍ଧା ଜିଲ୍ଲାରୁ ମୋଟ ୭୪ ଜଣ ଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକମାନଙ୍କୁ ଏଚଆଇଭି ଏବଂ ଏଡ଼ସ ପ୍ରତି ସମ୍ବେଦନଶୀଳ ଓ ସଚେତନ କରିବା ପାଇଁ ଉଦ୍ଦିଷ୍ଟ ଏହି କର୍ମଶାଳାରେ ଉଦ୍‌ବୋଧନ ଦେଇ ଡାକ୍ତର ସ୍ୱାଇଁ କହିଥିଲେ ଯେ ଯୁବବର୍ଗଙ୍କୁ ଭୟାବହ ଏଡ୍‌ସ ଠାରୁ ଦୂରେଇ ରଖିବାକୁ ସବୁ ସ୍ତରରେ ସଚେତନ କରିବାକୁ ପ୍ରୟାସ କରାଯାଉଛି। ସେ କହିଥିଲେ ଯେ ଆମ ରାଜ୍ୟରେ ଷାଠିଏ ହଜାରରୁ ଅଧିକ ଏଡ୍‌ସ ସଂକ୍ରମିତ ଥିଲା ବେଳେ ଯୁବବର୍ଗ ଏହା ପ୍ରତି ଅଧିକ ସମ୍ବେଦନଶୀଳ।

ସେ କହିଥିଲେ ଯେ ଶିକ୍ଷକମାନେ ହେଉଛନ୍ତି ମାର୍ଗ ଦର୍ଶକ। ସୁସ୍ଥ ଯୁବବର୍ଗ, ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ତାହା ସୂଚାରୁ ରୂପେ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ବିଭୁତି ଭୂଷଣ ପଟ୍ଟନାୟକ କହିଥିଲେ ଯେ ରେଡ଼କ୍ରସ ସହ ଓସାକ୍ସର ସମ୍ପର୍କ ଅନେକ ବର୍ଷର। ଆମ ରାଜ୍ୟରୁ ଏଚଆଇଭି ଦୂର କରିବାରେ ସବୁବେଳେ ସହଯୋଗ କରିଆସିଛି ଏବଂ କରୁଥିବ ମଧ୍ୟ। ଆଗାମୀ ଦିନରେ ସ୍କୁଲ ଏବଂ କଲେଜ ସ୍ତରରେ ଅଧିକା ରେଡ ରିବନ କ୍ଲବ ଖୋଲାଯିବ।

ଓସାକ୍ସର ସହ ନିର୍ଦ୍ଦେଶକ ସ୍ମୃତି ସାଗରୀକା କାନୁନଗୋ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ଦ୍ୱାରା ଯୁବବର୍ଗଙ୍କ ପାଇଁ କରାଯାଉ ଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଏଚଆଇଭି କ୍ଷେତ୍ରରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶେଷରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରଥଯାତ୍ରା...

ଆଶ୍ରିତ ପଟ୍ଟନାୟକ, ଓମ୍ ପ୍ରକାଶ ମିଶ, ସନାତନ ବିଜୁଳି ପ୍ରମୁଖ ଦୃଷ୍ଟିଆକର୍ଷଣକାରୀ ନୋଟିସ୍ ଜରିଆରେ ଆଲୋଚନାରେ ଭାଗ ନେଇ ବିରୋଧୀ ଦଳକୁ ଜବାବ ଦେଇଥିଲେ। ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରୋଧି ଦଳର ସମସ୍ତ ଅଭିଯୋଗକୁ ଦୃଢଭାବେ ଖଣ୍ଡନ କରିବା ସହ ଏହାକୁ ମିଥ୍ୟା, କପୋଳକଳ୍ପିତ ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ ଚଳିତବର୍ଷର ରଥଯାତ୍ରା ଏକ ବିରଳ ରଥଯାତ୍ରା ଭାବେ ଅନୁଷ୍ଠିତ ହୋଇଥିଲା। ୧୯୭୧ ମସିହାରେ ଗୋଟିଏ ଦିନରେ ଯେଉଁଭଳି ରଥଯାତ୍ରା ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ନୀତିକାନ୍ତି ସମ୍ପନ୍ନ ହୋଇଥିଲା, ଏଥର ମଧ୍ୟ ସେହିଭଳି ଗୋଟିଏ ଦିନରେ ଠାକୁରଙ୍କ ସବୁ ନୀତିକାନ୍ତି ସମସ୍ତ ସେବାୟତ ଓ ପ୍ରଶାସନ ସହଯୋଗରେ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା। ନୂଆ ସରକାର ଦାୟିତ୍ୱ ନେବା ପରେ ଏହି କାର୍ଯ୍ୟକ୍ରମକୁ ସୁରୁରୁ ରୂପେ ସମ୍ପନ୍ନ କରିବା ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ତଦନୁସାରେ ସବୁ କାର୍ଯ୍ୟକ୍ରମ ହୋଇଥିଲା। ଆଇନମନ୍ତ୍ରୀ କହିଥିଲେ ନୂଆ ସରକାରଙ୍କ ଦାୟିତ୍ୱ ଗ୍ରହଣ ପରେ ସରକାରୀ ଅଧିକାରୀ, ମନ୍ଦିର ପ୍ରଶାସନ ସହ କଥା ହୋଇ ସମସ୍ତ ନୀତିକ୍ରାନ୍ତି ଓ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଶ୍ରୀଗୁଣ୍ଡିଚ଼ା ଦିନ ସମସ୍ତ ନୀତିକାନ୍ତି ସାରିବା ଓ ଦ୍ୱିତୀୟ ଦିନ ରଥ ଟଣାଯିବା ନେଇ ସ୍ଥିର ହୋଇଥିଲେ ମଧ୍ୟ ସେହି ସମୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟ ଶାସ୍ତ୍ରବିତ୍‌ମାନଙ୍କ ସୁଚିନ୍ତିତ ପରାମର୍ଶକୁ ନଜରରେ ରଖି ସରକାର ମନ୍ଦିର ପ୍ରଶାସନ ଏବଂ ସେବାୟତ ନିଯୋଗ ମାନଙ୍କ ସହ ଆଲୋଚନା କରି ସମ୍ପୂର୍ଣ୍ଣ ନୀତି ନିର୍ଘଣ୍ଟ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟର ପ୍ରସ୍ତୁତ ଆରମ୍ଭ କରିଥିଲେ। ତଦନୁସାରେ ୭ ତାରିଖ ଶ୍ରୀଗୁଣ୍ଡିଚ଼ା ଦିନ ସେବାୟତ ନିଯୋଗମାନଙ୍କ ସମ୍ପୂର୍ଣ୍ଣ ସହାୟତା ଦ୍ୱାରା ଏବଂ ମହାପ୍ରଭୁଙ୍କ ଅପାର କରୁଣାରୁ ଏକ ଅତ୍ୟନ୍ତ ଶୃଙ୍ଖଳିତ ରଥଯାତ୍ରା ଅନୁଷ୍ଠିତ ହେଲା। ସମଗ୍ର ବିଶ୍ୱ ମଧ୍ୟ ଏହାର ଦର୍ଶନ କରିବାକୁ ସକ୍ଷମ ହେଲେ। ପରବର୍ତ୍ତୀ ସମୟରେ ଆଡ଼ପ ମଣ୍ଡପ ଠାରୁ ଦର୍ଶନ ଆରମ୍ଭ କରି ବାହୁଡ଼ା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପ୍ରତ୍ୟେକ ନୀତି ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଆଜି କେବଳ ଆମ ରାଜ୍ୟ ନୁହେଁ, ସମଗ୍ର ଦେଶ ତଥା ବିଭିନ୍ନ ଦେଶରେ ରହୁଥିବା ଜଗନ୍ନାଥପ୍ରେମୀମାନେ ଚଳିତବର୍ଷର ଶୃଙ୍ଖଳିତ ରଥଯାତ୍ରାକୁ ବିଭିନ୍ନ ଫୋରମରେ ତଥା ସାମାଜିକ ଗଣମାଧମରେ ଅନେକ ପ୍ରଶଂସା କରିଛନ୍ତି। ଆଇନ୍ ମନ୍ତ୍ରୀଙ୍କ ଉତ୍ତରରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ। ଏହାପରେ ଉପବାଚସ୍ପତି ମୁଲତବୀ ପ୍ରସ୍ତାବଟିକୁ ଅଗ୍ରାହ୍ୟ କରିଦେଇଥିଲେ।

## ସୁଭଦ୍ରା ଯୋଜନା...

କ୍ଷେତ୍ରରେ ସ୍ୱାବଲମ୍ବୀ ତଥା ସଶକ୍ତିକରଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ସୁଭଦ୍ରା ନାମରେ ଏହି ନୂତନ ଯୋଜନା କରିଛନ୍ତି ସେଥିପାଇଁ ବଜେଟ୍‌ରେ ୧୦ ହଜାର କୋଟିର ବ୍ୟୟବରାଦ କରାଯାଇଛି। ଏବେ ଯୋଜନା ପାଇଁ ସରକାରଙ୍କ ପକ୍ଷରୁ ଏସ୍‌ଓପି ପ୍ରସ୍ତୁତି ଚାଲିଥିବାରୁ ଏ ନେଇ ସାଧାରଣରେ କୌଣସି ପ୍ରକାର ବିଭ୍ରାନ୍ତି ହେବା ଉଚିତ ନୁହେଁ। ବୁଦ୍ଧିଜୀବୀମାନଙ୍କ ମତାମତକୁ ନେଇ ଏସ୍‌ଓପି ପ୍ରସ୍ତୁତି ସରିବା ପରେ ରାଜ୍ୟ ସରକାର ସର୍ବସାଧାରଣଙ୍କୁ ଜଣାଇବା ପାଇଁ ଏହାର ପ୍ରଚାର ପ୍ରସାର କରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୂଚନା ଦେଇଛନ୍ତି।

## ଖଣି ରୟାଲିଟି ...

ମଧ୍ୟରେ ଅନାବଶ୍ୟକ ପ୍ରତିଦ୍ୱନ୍ଦ୍ୱିତା ହେବ। ଖଣିଜ ବିକାଶ ଦୃଷ୍ଟିରୁ ଏହା ଠିକ ନୁହେଁ। କାରଣ ସଂଘୀୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟମାନଙ୍କ ପିଟିସନକୁ କଡା ବିରୋଧ କରାଯାଇଥିଲା। କେନ୍ଦ୍ର ଯୁକ୍ତି କରିଥିଲା ଯେ ଖଣି ଉପରେ ରାଜ୍ୟମାନେ ରୟାଲିଟି ବସାଇପାରିବେ ନାହିଁ। ଏହା ସେମାନଙ୍କର କ୍ଷମତା ପରିସରଭୁକ୍ତ ନୁହେଁ। ଏହି କ୍ଷମତା କେବଳ ପାର୍ଲାମେଣ୍ଟର ରହିଛି। କିନ୍ତୁ ସର୍ବୋଚ୍ଚ ଅଦାଲତ ଏହି ଯୁକ୍ତିକୁ ଖାରଜ କରିଦେଇଛନ୍ତି। ଏହା ସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଟିକସ ଓ ରୟାଲିଟି ଏକା କଥା ନୁହେଁ। ୧୯୮୯ରେ ସୁପ୍ରିମ କୋର୍ଟ ଏ ସମ୍ପର୍କରେ ଦେଇଥିବା ରାୟକୁ ଜଷ୍ଟିସ ଚନ୍ଦ୍ରଚୂଡ଼ ତ୍ରୁଟିପୂର୍ଣ୍ଣ ଦର୍ଶାଇଥିଲେ। ସେହି ରାୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଖଣିଜ ପଦାର୍ଥ ଉପରେ ଲାଗୁ କରାଯାଉଥିବା ରୟାଲିଟି ହେଉଛି ଟିକସ।

ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ମାସରେ ଏହି ମାମଲାର ଶୁଣାଣି ବେଳେ ଜଷ୍ଟିସ ଚନ୍ଦ୍ରଚୂଡ଼ ଭାରତ ସରକାରଙ୍କୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ ଯେ ଖଣି ରୟାଲିଟି ବିବାଦ କ'ଣ କେନ୍ଦ୍ର-ରାଜ୍ୟ କ୍ଷମତା ବଣ୍ଟନକୁ ପ୍ରଭାବିତ କରିବ? ଖଣି ରୟାଲିଟିକୁ ନେଇ ଯେଉଁ ଆଇନ ବ୍ୟବସ୍ଥା ରହିଛି, ସେଥିରେ କାହିଁକି ସବୁକିଛି ସ୍ପଷ୍ଟ କରାଯାଇ ନାହିଁ। ରାଜ୍ୟ ସରକାର ଏଭଳି ରୟାଲିଟି ବସାଇଲେ ଏହା ବେଆଇନ ଓ ଅସାମ୍ବିଧାନିକ ହେବ। କେବଳ କେନ୍ଦ୍ର ସରକାରଙ୍କ ରୟାଲିଟି କ୍ଷମତା ରହିଛି, ରାଜ୍ୟମାନଙ୍କର ନାହିଁ। ଆଇନରେ ଏଭଳି କିଛି ବ୍ୟବସ୍ଥା ରହିଛି କି ବୋଲି ସେ ପ୍ରଶ୍ନ କରିଥିଲେ। ଜଷ୍ଟିସ ଚନ୍ଦ୍ରଚୂଡ଼ କହିଥିଲେ ଯେ ୧୯୮୯ ସୁପ୍ରିମକୋର୍ଟ ରାୟ ପୂର୍ବରୁ ଖଣି ଉପରେ ୩୦୦ ପ୍ରତିଶତ, ୫୦୦ ପ୍ରତିଶତ ରୟାଲିଟି ଲାଗୁ କରାଯାଉଥିଲା। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ କହିଛନ୍ତି ଯେ ଖଣି ବିକାଶ ଲାଗି ପାର୍ଲାମେଣ୍ଟକୁ ସମ୍ବିଧାନ ଅଖଣ୍ଡ କ୍ଷମତା ଦେଇନାହିଁ। ଖଣି ଓ ଖଣିଜ ପଦାର୍ଥର ବିକାଶ ଓ ଏହା ଉପରେ ନିୟନ୍ତ୍ରଣ ପାଇଁ ରାଜ୍ୟମାନଙ୍କର ବି କ୍ଷମତା ରହିଛି। ତେବେ ଟିକସ ଲାଗୁ ପାଇଁ ସମ୍ବିଧାନ ରାଜ୍ୟମାନଙ୍କୁ ସୀମିତ କ୍ଷମତା ଦେଇଛି। ଟିକସ ଲାଗି ବେଶୀ କ୍ଷମତା କେନ୍ଦ୍ରକୁ ମିଳିଛି। ମଦ ଭଳି ଖୁବ କମ କ୍ଷେତ୍ରରେ ଟିକସ ପାଇଁ ରାଜ୍ୟକୁ କ୍ଷମତା ମିଳିଛି। ସମ୍ବିଧାନରେ ରହିଥିବା ଏହି ବ୍ୟବସ୍ଥାରେ ହସ୍ତକ୍ଷେପ କରାଯିବା ଠିକ ନୁହେଁ। ଆସନ୍ତା ବୁଧବାର ଏହି ମାମଲାର ପୁଣି ଶୁଣାଣି ହେବ। ଆଜି ଯେଉଁ ରାୟ ପ୍ରକାଶ ପାଇଛି ତାହା ପୁରୁଣା ତାରିଖରୁ ଲାଗୁ ହେବ ନା ରାୟ ପ୍ରକାଶ ପାଇବା ଦିନ ଠାରୁ ଲାଗୁ ହେବ ଏହା ଉପରେ ସୁପ୍ରିମ କୋର୍ଟ ଶୁଣାଣି କରି ତାଙ୍କର ରାୟ ଦେବେ। ଏହି ସମୟ ମଧ୍ୟରେ କେନ୍ଦ୍ର ଆଦାୟ କରିଥିବା ରୟାଲିଟି ରାଜସ୍ୱ ରିକଭରି କରାଯିବ କି ନାହିଁ, ତାହା ଉପରେ ମଧ୍ୟ ଶୁଣାଣି ହେବ।

## କାର୍ଗିଲରୁ ପାକିସ୍ତାନକୁ ...

ବଳିଦାନ ଦେଇଥିବା ସେହି ଶହୀଦମାନଙ୍କୁ ମୁଁ ନମସ୍କାର କରୁଛି। ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନକୁ ଟାର୍ଗେଟ କରି କହିଛନ୍ତି, କାର୍ଗିଲରେ ଆମେ କେବଳ ଯୁଦ୍ଧରେ ଜିତି ନ ଥିଲୁ, ଆମେ ସତ୍ୟ, ସଂଯମତା ଏବଂ ଶକ୍ତିର ଚମତ୍କାର ପ୍ରଦର୍ଶନ କରିଥିଲୁ ଆପଣ ଜାଣନ୍ତି, ସେତେବେଳେ ଭାରତ ଶାନ୍ତି ପାଇଁ ଚେଷ୍ଟା କରୁଥିଲା କିନ୍ତୁ ମିଥ୍ୟା ଏବଂ ଆତଙ୍କ ସତ୍ୟ ସମ୍ମୁଖରେ ପରାସ୍ତ ହେଲା। ପଡୋଶୀ ଦେଶର ଆତଙ୍କବାଦୀ କାର୍ଯ୍ୟକଳାପକୁ ଆଲୋକିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଅତୀତରେ ପାକିସ୍ତାନକୁ ଯେଉଁ ସବୁ ଭୁଲ କରିଛି, ତାର ପରିଣାମ ମଧ୍ୟ ଭୋଗିଛି। କିନ୍ତୁ ପାକିସ୍ତାନ ଏହାର ଇତିହାସରୁ କିଛି ଶିକ୍ଷା କରିନାହିଁ। କିନ୍ତୁ ଆଜି ମୁଁ ଏପରି ଏକ ସ୍ଥାନରୁ କହୁଛି, ଯେଉଁଠାରେ ଆତଙ୍କବାଦର ମାଷ୍ଟରମାନେ ସିଧାସଳଖ ଶୁଣିପାରିବେ। ମୁଁ ଆତଙ୍କବାଦର ଏହି ପୃଷ୍ଠପୋଷକମାନଙ୍କୁ କହିବାକୁ ଚାହେଁ ଯେ, ସେମାନଙ୍କର ନିଷ୍ଠୁର କାର୍ଯ୍ୟରେ କଦାପି ସଫଳ ହେବେ ନାହିଁ।

## ବଙ୍ଗୋପସାଗରରେ ପୁଣି ...

ସତର୍କ ସୂଚନା ଜାରି କରାଯାଇଛି। ଏସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ୧୨ରୁ ୨୦ ସେମି ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଅନ୍ୟ ୧୨ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ପ୍ରବଳ ବର୍ଷା ନେଇ ୨୭ ତାରିଖରେ ୭ ଜିଲ୍ଲା, ୨୮ ତାରିଖରେ ୫ ଜିଲ୍ଲା ଏବଂ ୨୯ ତାରିଖରେ ୫ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ଆଳୁ ଗୋଦାମରେ ...

ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ୩୨ ଟଙ୍କାରୁ ଅଧିକ ଦରରେ ବିକିଲେ କାର୍ଯ୍ୟାନୁଷ୍ଠାନ ହେବ। ଯୋଗାଣ ମନ୍ତ୍ରୀ କହିଛନ୍ତି, ସରକାର ପଶ୍ଚିମବଙ୍ଗରୁ ଆଳୁ ଆଣିବାକୁ ଚେଷ୍ଟା ଚଳାଇଛନ୍ତି। ଆଳୁ ଗାଡ଼ି ଫେରିଯିବା ଦୁର୍ଭାଗ୍ୟଜନକ। ପଶ୍ଚିମବଙ୍ଗ ସରକାରଙ୍କ ଏଭଳି ନିଷ୍ପତ୍ତି ନେଇ ତାଙ୍କ ସହ ଆଲୋଚନା କରିବୁ। ପଶ୍ଚିମବଙ୍ଗରୁ ଆଳୁ ଆସି ନପାରିଲେ ଉତ୍ତରପ୍ରଦେଶରୁ ଆମଦାନୀ ପାଇଁ ଯୋଗାଯୋଗ କରାଯାଉଛି।

## ଆଳୁ ପାଇଁ ପଶ୍ଚିମବଙ୍ଗ ...

ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଶ୍ରୀ ପଟ୍ଟନାୟକ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାକୁ ଆଳୁ ଯୋଗାଣ ଚାଲୁ ରଖିବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପଟ୍ଟନାୟକ ଚିଠିରେ ଦର୍ଶାଇଛନ୍ତି ଯେ ଓଡିଶାବାସୀଙ୍କ ପାଇଁ ଆଳୁ ଅତ୍ୟାବଶ୍ୟକ ଦ୍ରବ୍ୟ। କମ ବର୍ଷା ଯୋଗୁଁ ବଜାରକୁ ଅଳ୍ପ ଆଳୁ ହିଁ ଆସିପାରିଛି। ଯାହାଦ୍ୱାରା ମୂଲ୍ୟ ବଢିଛି। ଏହି ମୂଲ୍ୟ ବଢିବା ଦ୍ୱାରା ସାଧାରଣ ଲୋକ ପ୍ରଭାବିତ ହେଉଛନ୍ତି। ଓଡିଶା-ପଶ୍ଚିମବଙ୍ଗ ସୀମାରୁ ଟ୍ରକ ଫେରିଯାଉଥିବାର ଜାଣିବାକୁ ପାଇଲି। ଓଡିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଦୃଢ ସାଂସ୍କୃତିକ ବନ୍ଧନ ରହିଛି ଓ ଆମେ ସମସ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତ। ତେଣୁ ଆପଣ ଏ ନେଇ ପଦକ୍ଷେପ ନିଅନ୍ତୁ ଓ କିଭଳି ଆଳୁ ଯୋଗାଣ ସ୍ୱାଭାବିକ ହୋଇପାରିବ ସେ ଦିଗରେ ଦୃଷ୍ଟି ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଜଣାଇଛନ୍ତି। ଉଲ୍ଲେଖ ଥାଉ କି ପଶ୍ଚିମବଙ୍ଗରୁ ଆମଦାନି ବନ୍ଦ ହେବା ଫଳରେ ଓଡ଼ିଶାରେ ଆଳୁ ବଜାରରେ ଦର ଆକାଶ ଛୁଆଁ ହେବାରେ ଲାଗିଛି। ବର୍ତ୍ତମାନ ରାଜଧାନୀରେ ଆଳୁ ଦର ୫୦ ଟଙ୍କା ରହିଥିବା ବେଳେ ଏହା ଆହୁରି ବଢିବାର ଆଶଙ୍କା ରହିଛି। ତେଣୁ ଏବେ ଠୁ ଆଳୁ କିଣିବା ପାଇଁ ଲୋକେ ଭିଡ଼ ଜମାଇଲେଣି। ଆଳୁ ସାଧାରଣ ଲୋକଙ୍କ ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀ ହୋଇଥିବାରୁ ଏହାର ଦର ବୃଦ୍ଧି ସାଧାରଣ ଖାଉଟିଙ୍କ ପାଇଁ ଚିନ୍ତା ବଢାଇଛି।

# ଅଗ୍ନିବୀରଙ୍କୁ ଉତ୍ତରପ୍ରଦେଶ ପୁଲିସରେ ମିଳିବ ନିଯୁକ୍ତି : ଯୋଗୀ

**ଲକ୍ଷ୍ନୌ:** ଅଗ୍ନିବୀରଙ୍କୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଅଗ୍ନିବୀରଙ୍କୁ ସଂରକ୍ଷଣ ଦେବେ ରାଜ୍ୟ ସରକାର। ସେମାନଙ୍କୁ ୟୁପି ପୁଲିସ ଏବଂ ପିଏସିରେ ସଂରକ୍ଷଣର ସୁବିଧା ଦିଆଯିବ। ଯୋଗୀ କହିଛନ୍ତି ଯେ ଅଗ୍ନିବୀରମାନଙ୍କୁ ସଂରକ୍ଷଣ ନିଶ୍ଚିତ ଭାବେ ଦିଆଯିବ। ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ଅଗ୍ନିବୀରମାନେ ସେମାନଙ୍କ ସେବା ସଂପୂର୍ଣ୍ଣ କରିବାପରେ ଫେରିବା ପରେ ପ୍ରାଥମିକତା ଭିତ୍ତିରେ ଉତ୍ତରପ୍ରଦେଶ ସରକାରୀ ପୁଲିସ ସେବା, ପିଏସିରେ ନିଯୁକ୍ତି ସୁବିଧା ଦିଆଯିବ। ଏହା ପୂର୍ବରୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ମଧ୍ୟ ଅଗ୍ନିବୀରଙ୍କୁ ନେଇ ଏକ ବଡ଼ ଘୋଷଣା କରିଥିଲେ। ଉତ୍ତରାଖଣ୍ଡରେ ନିଯୁକ୍ତି କ୍ଷେତ୍ରରେ ଅଗ୍ନିବୀରଙ୍କୁ ସଂରକ୍ଷଣ ଦିଆଯିବ ବୋଲି ସେ କହିଥିଲେ। ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଧାମୀ ରବିବାର ଘୋଷଣା କରିଥିଲେ ଯେ ରାଜ୍ୟର ଅଗ୍ନିବୀରମାନଙ୍କୁ ସରକାରୀ ବିଭାଗରେ ନିଯୁକ୍ତି ଦିଆଯିବ। ଏହା ସହ ଆବଶ୍ୟକ ପଡ଼ିଲେ ସରକାର କ୍ୟାବିନେଟରେ ଏକ ପ୍ରସ୍ତାବ ଆଣି ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ।

# ରାଜ୍ୟରେ ମାଡୁଛି ଡେଙ୍ଗୁ, ମ୍ୟାଲେରିଆ : ରୋକିବା ପାଇଁ ଖୋଲାଗଲା କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଷା ଦିନରେ ରାଜ୍ୟରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାର ଲାଗିଛି। ଏହାକୁ ନେଇ ବଢ଼ିଲା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା। ଜଳବାହିତ ରୋଗ ପାଇଁ ସବୁ ଜିଲ୍ଲାରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଡେଙ୍ଗୁ ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇଛି। କମ୍ବାଇଣ୍ଡ କଣ୍ଟ୍ରୋଲ ରୁମ୍ କରାଯାଇଛି। ସମସ୍ତ ଅଧିକାରୀମାନେ ଏହାକୁ ଦେଖିବା ସହ ରିପୋର୍ଟ ଦେଉଛନ୍ତି ଓ ସ୍ୱାସ୍ଥ୍ୟ ବିଭାଗ ଯାହା ନିର୍ଦ୍ଦେଶ ଦେଉଛି କାର୍ଯ୍ୟକାରୀ କରୁଛନ୍ତି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର। ସେ ଆହୁରି ମଧ୍ୟ କହିଛନ୍ତି, "ରାଜ୍ୟରେ ଝାଡ଼ାବାନ୍ତି, ଡେଙ୍ଗୁ, ମ୍ୟାଲେରିଆ ବଢୁଛି। ଲୋକଙ୍କୁ ସଚେତନ ହେବାକୁ ପଡ଼ିବ। ସଚେତନତା ସହ ମିଳିତ ସର୍ବେକ୍ଷଣ ଚାଲିଛି। ଡାଇରିଆ, ଡେଙ୍ଗୁ, ମ୍ୟାଲେରିଆ ଆଦି ରୋଗକୁ ନେଇ ଘର ଘର ବୁଲି ସର୍ଭେ କରାଯାଉଛି। ସାପ କାମୁଡ଼ାକୁ ଆଖି ଆଗରେ ରଖି ବ୍ୟାପକ ଇଞ୍ଜେକ୍ସନ ଉପଲବ୍ଧ କରାଯିବା ସହ ଏହା ଉପରେ ନଜର ରଖାଯାଇଛି। ସୁନ୍ଦରଗଡ଼ରେ ଅଧିକ ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଡିପ୍‌ଥେରିଆ ଉପରେ ମଧ୍ୟ ନଜର ରଖିଛି ସ୍ୱାସ୍ଥ୍ୟ ବିଭାଗ। ଲକ୍ଷ୍ମୀପୁରରେ ଗୋଟିଏ କେଶ ସନ୍ଦେହ କରାଯାଉଥିଲା କିନ୍ତୁ ତାହା ନେଗେଟିଭ ବାହାରିଲା। ଡିପଥେରିଆକୁ ନେଇ ଯେଉଁଠି ଅଭିଯୋଗ ଆସୁଛି ସେଠି ପାଖାପାଖି ଅଞ୍ଚଳରେ ବ୍ୟାପକ ସର୍ଭେଲାନ୍ସ କରାଯାଉଛି। ଯେଉଁମାନଙ୍କୁ ସନ୍ଦେହ ହେଉଛି ସେମାନଙ୍କୁ ଆଣ୍ଟି ଡିପଥେରିଆ ଟିକା ଦିଆଯାଉଛି। ଲୋକଙ୍କୁ ସାବଧାନ ହେବାକୁ କୁହାଯାଇଛି।" କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା କହିଛନ୍ତି, "କ୍ୟାପିଟାଲ ହସ୍ପିଟାଲକୁ ଡେଙ୍ଗୁ ରୋଗୀ ଆସୁଛନ୍ତି। ପ୍ରତ୍ୟେକ ଦିନ ୫୦୦ ରୁ ୬୦୦ ଟେଷ୍ଟ କରାଯାଉଛି। ବର୍ତ୍ତମାନ ହସ୍ପିଟାଲରେ ୯ ଜଣ ଡେଙ୍ଗୁ ରୋଗୀ ଆଡ଼ମିଟ୍ ହୋଇଛନ୍ତି। ଏପରିକି ଭୁବନେଶ୍ୱର ଏୟାରପୋର୍ଟ ଅଞ୍ଚଳ, ଖଣ୍ଡଗିରି, ସହିଦନଗର ଏବଂ ନୟାପଲ୍ଲୀ ଭଳି ଅନେକ ସ୍ଥାନରୁ ରୋଗୀମାନେ ଆସୁଛନ୍ତି ଚିକିତ୍ସା ହେବା ପାଇଁ। ଏହା ଛଡ଼ା ହଇଜା ଡାଇରିଆ ଭଳି ରୋଗୀ ମଧ୍ୟ ହସ୍ପିଟାଲକୁ ଆସୁଛନ୍ତି। କିଭଳି ଭାବରେ ମାଶାମାନଙ୍କ ଠାରୁ ସତର୍କ ରହିବା ସେନେଇ ସ୍ୱାସ୍ଥ୍ୟ ବିଭାଗର ଗାଇଡ୍ ଲାଇନ୍ ଅନୁସାରେ କାର୍ଯ୍ୟକାରିବା ଆବଶ୍ୟକ। ଏପରିକି ମଧ୍ୟ ବର୍ଷା ଦିନରେ ଅଧିକ ସ୍ଥାନରେ ସାପ କାମୁଡିବା ମଧ୍ୟ ଖବର ଆସୁଛି। ହସ୍ପିଟାଲରେ ମଧ୍ୟ ସାପ କାମୁଡାକୁ ନେଇ ଔଷଧ ଏବଂ ଇଞ୍ଜେକସନ ଗଚ୍ଛିତ ହୋଇ ରହିଛି।"

GOVT. OF ODISHA
DEPARTMENT OF WATER RESOURCES
OFFICE OF THE DIRECTOR ,
WATER AND LAND MANAGEMENT INSTITUTE
AT: PRATAPNAGARI, PO: TELENGAPENTHA,
DIST: CUTTACK, ODISHA
E-mail ID :- walmi@odisha.gov.in

A-181

'e' Procurement Notice No- WALMI-1/2024-25(Online)

The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in .The tender submission process will be completely online.

BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.

| | | |
|---|---|---|
| 1. | Nature of Work | : **Building works** |
| 2 | Total No. of Works | : 1 (one) work |
| 3. | Bid Identification No | : WALMI-1/2024-25 |
| 4. | Tender Cost | : Approx. Rs. 4.05 lakhs |
| 5. | Class of Contractor | : " D & C " Class |
| 6. | Period of completion | : 2 (Two) Months |
| 7. | Other Details | : As noted below |
| a) | Procurement Officer | : Deputy Director, Water and Land Management Institute email: **walmi@odisha.gov.in** Ph:- 7749963486/9937924096 |
| b) | Availability of Tender On-line for bidding | : 11.00 Hours of 01.08.2024 to 17.30 Hours of 10.08.2024 |
| c) | Last date & time of Submission of bid document | : 17.30 Hours of 10.08.2024 |
| d) | Date, time & place of Opening of Bid Document | : 12.08.2024 at 11.30 Hours in the O/o the Director , Water and Land Management Institute, Pratapnagari, Cuttack |
| e) | Date of Lottery (if required) | : To be intimated later on. |

Further details can be seen from the Govt. web site "**https://tendersodisha.gov.in**"

OIPR : 32228/11/0001/2425

Deputy Director , WALMI

E-mail : eemisundargarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SUNDARGARH.
'e' Procurement Notice
Bid Reference No. SE MID SNG 02/2024-25

A-179

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil construction work. |
| 2 | No of Works: - | 01 (One) No. |
| 3 | Estimated cost: - | Rs. 58.86 lakh (Approximately) |
| 4 | Period of completion | 06(Six) Calendar months |
| 5 | Date and Time of availability of bid documents in the portal: - | From dt.**30.07.2024** at.10.00 AM to dt.**13.08.2024** up to 5.30 PM. |
| 6 | Last date / time of receipt of bids in the portal: - | Dt.**13.08.2024** up to 5.30 PM |
| 7 | Date of opening of Technical Bid (Cover-I): - | Dt.**14.08.2024** at 11.00 AM onwards |
| 8 | Date of opening of Financial Bid (Cover-II): - | Dt.**17.08.2024** at 11.00 AM onwards |
| 9 | Name and address of the OIT: - | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I.Division, Sundargarh

OIPR : 32124/11/0003/2425

ଭୁବନେଶ୍ୱର
୨୭ ଜୁଲାଇ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ବିଲ୍‌କୁ ନେଇ ରାଜ୍ୟ-ରାଜ୍ୟପାଳ ବିବାଦ : କେନ୍ଦ୍ରକୁ ନୋଟିସ୍ ପଠାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୬।୭**

କେରଳ ଓ ପଶ୍ଚିମବଙ୍ଗ ସରକାର ଏବଂ ସେମାନଙ୍କ ରାଜ୍ୟପାଳଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ନେଇ କେନ୍ଦ୍ର ସରକାରଙ୍କୁ ନୋଟିସ୍ ପଠାଇଛନ୍ତି ସୁପ୍ରିମକୋର୍ଟ। ବିଧାନସଭାରେ ବିଲ୍ ପାରିତ ହେବା ସତ୍ତ୍ୱେ ରାଜ୍ୟପାଳ ଅନୁମୋଦନ ଦେଉନଥିବା ଅଭିଯୋଗ କରି ଏହି ଦୁଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। କେରଳ ଓ ପଶ୍ଚିମବଙ୍ଗ ସରକାରଙ୍କ ଅଭିଯୋଗ ହେଲା ଯେ, ବିଧାନସଭାରେ ବହୁମତ ସହ ଏକାଧିକ ବିଲ୍ ପାରିତ ହୋଇଛି। କିନ୍ତୁ ରାଜ୍ୟପାଳ ସେସବୁକୁ ଅନୁମୋଦନ ଦେଉନାହାନ୍ତି। ଫଳରେ ଏକାଧିକ ଜନହିତକର ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ। ତେଣୁ ଏହାକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଉ ବୋଲି ରାଜ୍ୟ ସରକାରମାନେ ଦାବି କରିଥିଲେ। ଶୁକ୍ରବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ବିଚାର କରିଛନ୍ତି। ଶୁଣାଣି ସମୟରେ ରାଜ୍ୟସରକାମାନଙ୍କ ପକ୍ଷରୁ ଲଢୁଥିବା ଓକିଲ, ରାଜ୍ୟପାଳମାନଙ୍କ ଏପରି କାର୍ଯ୍ୟକୁ ଘୋର ବିରୋଧ କରିଥିଲେ ଏବଂ ଏହା ସମ୍ବିଧାନ ବିରୋଧୀ ବୋଲି ଦର୍ଶାଇଥିଲେ। ଦୀର୍ଘ ଆଠ ମାସ ହେଲା ରାଜ୍ୟପାଳ ବିଲ୍‌କୁ ଅନୁମୋଦନ ଦେଉନଥିବା ଆବେଦନକାରୀଙ୍କ ଓକିଲ ଅଭିଯୋଗ କରିଥିଲେ। ଏହାପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ରାଜ୍ୟପାଳମାନଙ୍କ ଅତିରିକ୍ତ ମୁଖ୍ୟ ସଚିବମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ଏହାର ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ଆବେଦନକାରୀ ରାଜ୍ୟମାନଙ୍କୁ ମଧ୍ୟ ନୋଟିସ୍ ଦାଖଲ କରିବାକୁ କହିଛନ୍ତି ସୁପ୍ରିମକୋର୍ଟ।



# ଜାପାନର କୋୟାସାନ୍ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ ବ୍ୟୁରୋ**

ଶିକ୍ଷାବିତ୍ ଓ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କୁ ଜାପାନର କୋୟାସାନ୍ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଡ. ସାମନ୍ତଙ୍କର ୫୮ତମ ସମ୍ମାନସୂଚକ ଡକ୍ଟୋରେଟ୍। ପ୍ରଥମ ଭାରତୀୟ ଭାବେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ପଡ୍‌ନାଭିସ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ କୋୟାସାନ୍ ବିଶ୍ୱବିଦ୍ୟାଳୟରୁ ଏହି ସମ୍ମାନ ପାଇବାରେ ଡ. ସାମନ୍ତ ହେଉଛନ୍ତି ଦ୍ୱିତୀୟ ଭାରତୀୟ।



ମଙ୍ଗଳବାର ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓସାକା-କୋବେରେ ଅବସ୍ଥାପିତ ଭାରତୀୟ କନସୁଲ୍ ଜେନେରାଲ ନିଖିଳେଶ ଗିରି ଓ କୋୟାସାନ୍ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟର ସଭାପତି ସୋଏଡ଼ା ରୟୁସୋ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ୧୯୨୬ରେ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିବା ଏହି ଅନୁଷ୍ଠାନ ଜାପାନର ୧୦୦ ବର୍ଷରୁ ଅଧିକ ବର୍ଷର ଅନ୍ୟତମ ପୁରାତନ ବିଶ୍ୱବିଦ୍ୟାଳୟ।



ଭୁବନେଶ୍ୱର : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି ବରିଷ୍ଠ ସାମ୍ବାଦିକମାନେ। (ଫଟୋ : ସମ୍ବାଦ କଳିକା)

# ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିକୁ ମୁଖ୍ୟମନ୍ତ୍ରୀଙ୍କ ଭେଟି : ନିର୍ମାଣ ହେବ ଫିଲ୍ମ ସିଟି

**ଭୁବନେଶ୍ୱର, ୨୬।୭:ନ୍ୟୁଜ ବ୍ୟୁରୋ**

ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭେଟି। ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ବଜେଟ ଉପସ୍ଥାପନ କରିଛନ୍ତି ମୋହନ ସରକାର। ଏଥିରେ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିକୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାରେ ଏକ ଫିଲ୍ମ ସିଟି ନିର୍ମାଣ ହେବା ସହ ଚଳିତ ବଜେଟରେ ଓଲିଉଡ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ୨୦ କୋଟି ବ୍ୟୟବରାଦ ରହିଛି, ଯାହାକୁ ନେଇ ସିନେ ଇଣ୍ଡଷ୍ଟ୍ରିରେ ଖୁସିର ଲହରୀ ଖେଳିଯାଇଛି। ସିନେ ଇଣ୍ଡଷ୍ଟ୍ରି ପାଇଁ ୨୦ କୋଟି ବ୍ୟୟବରାଦ କରାଯାଇଛି। ବିଜେପି ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟରେ ନିର୍ମାଣ ହେବ ଫିଲ୍ମ ସିଟି। ଏଥିସହ କଳିଙ୍ଗ ଷ୍ଟୁଡିଓ ପୁନଃବିକାଶ ଯୋଜନା ଅଧୀନରେ ୨୦ କୋଟି ଟଙ୍କାର



ବ୍ୟୟବରାଦ କରାଯାଇଛି। ତେବେ ନୂଆ ସରକାର ଆସିବା ପରେ ଏହା ପ୍ରଥମ ବଜେଟ ଉପସ୍ଥାପନ ହୋଇଥିବା ବେଳେ ଏଥିରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯାହା ଓଡ଼ିଆ କଳାକାରଙ୍କ ପାଇଁ ଏକ ନୂଆ ଆଶା ଭରି ଦେଇଥିବା କୁହାଯାଉଛି। ସୂଚନା ଅନୁସାରେ, ନିକଟରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରିଥିଲେ। ଓଡ଼ିଶା ଚଳଚ୍ଚିତ୍ର ମହାସଂଘ ମନ୍ତ୍ରୀଙ୍କୁ ଭେଟି ସିନେମା ଶିଳ୍ପର ବିକାଶ ଦିଗରେ ଆଲୋଚନା ସହ ପ୍ରତିଶୃତି ପରେ ପଲିସି କାର୍ଯ୍ୟକାରୀ ସହ ଓଡ଼ିଆ ଇଣ୍ଡଷ୍ଟ୍ରିର ବିକାଶ ଦିଗରେ ବିଭିନ୍ନ ଦାବି ନେଇ ଆଲୋଚନା କରିଥିଲେ ଯାହା ପରେ ରାଜ୍ୟ ସରକାର ପ୍ରତିଶୃତି ଦେଇ ସମସ୍ତ ଦାବି ଉପରେ କାର୍ଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ତେବେ ଏହା ଅନୁଯାୟୀ ବର୍ତ୍ତମାନ ରାଜ୍ୟ ବଜେଟରେ ମୋହନ ସରକାର ୨୦ କୋଟି ବ୍ୟୟବରାଦ କରିଛନ୍ତି ଏବଂ ଓଡ଼ିଶାରେ ଏକ ଫିଲ୍ମ ସିଟି ନିର୍ମାଣ କରାଯିବା ସହ ଫିଲ୍ମ ପ୍ରସ୍ତୁତି ପାଇଁ ଷ୍ଟୁଡିଓରେ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏହି କ୍ରମରେ ବର୍ତ୍ତମାନ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ନବକଳେବର ହେବା ସହ ରାଜ୍ୟରେ ଖୁବ୍‌ଶୀଘ୍ର ଓଡ଼ିଆ ଫିଲ୍ମ ପାଇଁ ସ୍ୱତନ୍ତ୍ର ପଲିସି ଲାଗୁ କରାଯିବ ବୋଲି ମଧ୍ୟ ଆଶା କରାଯାଉଛି ଯାହା ଫଳରେ ବର୍ତ୍ତମାନ ଓଡ଼ିଶାରେ ଓଡ଼ିଆ ଫିଲ୍ମ ପ୍ରତି ଲୋକଙ୍କ ଆଗ୍ରହ ପୁଣିଥରେ ବଢ଼ିବ ଏବଂ ଯଦି ନୂଆ ସିନେ ଷ୍ଟୁଡିଓ ବା ଫିଲ୍ମ ସିଟି ରାଜ୍ୟରେ କରାଯିବ ତେବେ ଆଉ ସିନେ କଳାକାରଙ୍କୁ ବାହାରକୁ ଯାଇ ସୁଟିଂ ପାଇଁ ହଇରାଣ ହେବାକୁ ପଡ଼ିବ ନାହିଁ।

## ଅଗଷ୍ଟ ୧ରୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ

**ଭୁବନେଶ୍ୱର, ୨୬।୭:ନ୍ୟୁଜ ବ୍ୟୁରୋ**

ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ଆସନ୍ତା ଅଗଷ୍ଟ ୧ତାରିଖରୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ। ପ୍ରତିବର୍ଷ ପରି ଚଳିତ ବର୍ଷ ମେ’ ୧ରୁ ଜୁଲାଇ ୩୧ ଯାଏ କୁମ୍ଭୀର ପ୍ରଜନନ ପାଇଁ ଭିତରକନିକାରେ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରଖାଯାଇଥିଲା। ତେବେ ଅଗଷ୍ଟ ୧ରୁ ଏହା ଖୋଲିବ। ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକୃଷ୍ଟ କରିବ ସ୍କାଏ ୱାକ୍ ବା ୱାକ୍ ୱେ।

ଡାଙ୍ଗମାଳ ଠାରେ କୁମ୍ଭୀର ପ୍ରଜନନ କେନ୍ଦ୍ର ଥିବା ବେଳେ ସେହିଠାରେ ପ୍ରାକୃତିକ ପରିବେଶ ଉପଭୋଗ କରିବା ପାଇଁ ବନବିଭାଗ ପକ୍ଷରୁ ୱାକ ୱେ ନିର୍ମାଣ କରାଯାଇଛି। ମ୍ୟାଙ୍ଗ୍ରୁଭ ମେଟା ନର୍ସରୀ ନିକଟରୁ ଆରମ୍ଭ ହୋଇଥିବା ଏହି ୱାକ ୱେ, ପ୍ରାୟ ୬ଶହ ମିଟର ଲମ୍ବ ଏବଂ ଏହାକୁ କାଠରେ ତିଆରି କରାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋଟିଏ ଥରରେ ୨୦ ଜଣ ଲେଖାଏଁ ପର୍ଯ୍ୟଟକଙ୍କୁ ଏଥିରେ ଛଡ଼ାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଶା କୁଇନ-୨୦୨୪

# ଟାଇଟଲ ହାତେଇଲେ ବାଲେଶ୍ୱରର ରାମିୟା ହୁଇ

**ଭୁବନେଶ୍ୱର, ୨୬।୭**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା କୁଇନ-୨୦୨୪ର ମୁକୁଟ ପିନ୍ଧିଲେ ବାଲେଶ୍ୱରର ରାମିୟା ହୁଇ। ଆର.ଆର୍ ଇଭେଣ୍ଟ୍‌ସ ଆଣ୍ଡ ସିନେ ପ୍ରଡକ୍ସନ ଆୟୋଜିତ ଓଡ଼ିଶା କୁଇନ-୨୦୨୪ର ଗ୍ରାଣ୍ଡ ଫାଇନାଲରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ରାମିୟା ବିଜୟୀ ହୋଇଛନ୍ତି। ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାମିୟାଙ୍କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଭୁବନେଶ୍ୱରରେ ଓଡ଼ିଶା କୁଇନ୍-୨୦୨୪ ଗ୍ରାଣ୍ଡ ଫାଇନାଲ ଇଭେଣ୍ଟ ଆୟୋଜିତ ହୋଇଥିବା ବେଳେ ମଲାଇକା ଆରୋରା ଏଥିରେ ଯୋଗ ଦେଇଥିଲେ। ଏହି ସମୟରେ ସେ ଲୋକପ୍ରିୟ ଗୀତ ‘ମୁନି ବଦନାମ ହୁଇ’ରେ ଏଣ୍ଟ୍ରି କରିଥିଲେ ମଲାଇକା।



ମଲାଇକା ପ୍ରଥମ ଥର ଓଡ଼ିଶା ଆସି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଓଡ଼ିଶା ଓ ଓଡ଼ିଶାର ଆତିଥ୍ୟକୁ ଭୂରି ଭୂରି ପ୍ରଶଂସା କରିଥିଲେ। ସେ କହିଥିଲେ, “ଓଡ଼ିଶା ଏକ ସୁନ୍ଦର ରାଜ୍ୟ, ଏଠାକୁ ଆସି ମୋତେ ବହୁତ ବଢ଼ିଆ ଲାଗୁଛି। ଓଡ଼ିଶା ମନ୍ଦିର ମାଳିନୀ ସହର ଯାହା ମୋତେ ବେଶ୍ ଆକର୍ଷିତ କରେ। ମୁଁ ପୁଣି ନିଶ୍ଚୟ ଆସିବି ଓ ବୁଲିବି ବୋଲି ସେ କହିଛନ୍ତି। ଏହାସହ ଓଡ଼ିଶାର ଝିଅମାନେ ବହୁତ ପ୍ରତିଭାବାନ। ପ୍ରତିଭା ବଳରେ କେବଳ ଓଡ଼ିଶା ନୁହେଁ ସାରା ଭାରତରେ ନିଜ ପ୍ରତିଭାର ଜଲୱା ଦେଖାଉଛନ୍ତି ଓ ଦେଖାଇବେ। ତେଣୁ ସମସ୍ତଙ୍କୁ ମୋର ଶୁଭେଚ୍ଛା।” ସୂଚନା ଅନୁସାରେ, ଏହି ପ୍ରତିଯୋଗୀତାରେ ୫ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗିନୀ ଭାଗ ନେଇଥିଲେ। ସେଥିମଧ୍ୟରୁ ଓଡ଼ିଶାର ଖ୍ୟାତନାମା ବିଚାରକ ମାନଙ୍କ ଦ୍ୱାରା ସର୍ବଶ୍ରେଷ୍ଠ ୨୧ ଜଣ ପ୍ରତିଯୋଗିନୀ ଗ୍ରାଣ୍ଡ ଫିନାଲେ ଉତ୍ସବରେ ଭାଗ ନେଇଥିଲେ। ମୁମ୍ବାଇର ପ୍ରସିଦ୍ଧ ଫେସନ କୋରିଓଗ୍ରାଫର କେୟୁର ଦେଶାଇ ଏହି ୨୧ ଜଣ ପ୍ରତିଯୋଗିନୀଙ୍କୁ ଗ୍ରାଣ୍ଡ ଫିନାଲେ ପାଇଁ ପ୍ରସ୍ତୁତ କରାଇଥିଲେ। ସମସ୍ତଙ୍କୁ ପଛରେ ପକାଇ ବାଜି ମାରି ଓଡ଼ିଶା କୁଇନ-୨୦୨୪ ମୁକୁଟ ପିନ୍ଧିଥିଲେ ବାଲେଶ୍ୱରର ରାମିୟା ହୁଇ। ସେହିପରି ପ୍ରଥମ ରନର୍ସଅପ ସୁନ୍ଦରଗଡ଼ର ମିନୁ ଭୋଇ ଓ ଦ୍ୱିତୀୟ ରନର୍ସଅପ ହୋଇଥିଲେ ବ୍ରହ୍ମପୁରର ରୁପାଲୀ ମିଶ୍ର। ଯେଉଁ ଶ୍ରେଷ୍ଠ ପାଞ୍ଚଜଣ ପ୍ରତିଯୋଗିନୀ ବିଭିନ୍ନ ବର୍ଗରେ ସବ-ଟାଇଟଲ ଜିତିଥିଲେ, ସେମାନେ ହେଲେ ଏସ୍.ବି. ଯଶ୍ମିନ, ଭାସ୍ୱତୀ ପତି, ସସ୍ମିତା ସାହୁ, ଅର୍ପିତା ଦାସ ଓ ଅଙ୍କିତା।

# ପାୱାର ଗ୍ରୀଡ୍ କାର୍ଗିଲ ବିଜୟ ଦିବସର ୨୫ତମ ବାର୍ଷିକୀ ଅବସରରେ କାର୍ଗିଲ ଯୁଦ୍ଧର ନାୟକମାନଙ୍କୁ ସମ୍ମାନିତ କରାଯାଇଛି

**ନୂଆଦିଲ୍ଲୀ, ୨୬।୭**

ଶୁକ୍ରବାର ସମଗ୍ର ଦେଶରେ ୨୫ତମ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି। ଯେଉଁଥିରେ ସେହି ଭାରତୀୟ ସୈନିକଙ୍କ ବୀରତା ଓ ସାହସକୁ ସଲାମୀ ଦିଆଯାଇଥିଲା। ଯେଉଁମାନେ କି ୧୯୯୯ର କାର୍ଗିଲ ଯୁଦ୍ଧ ଅବସରରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ। ଏହି ଦିବସକୁ ‘ଅପରେସନ ବିଜୟ’ ନାମରେ ସ୍ମରଣ କରାଯାଉଛି। ଯାହାକି ପାକିସ୍ତାନ ବିରୋଧରେ କାର୍ଗିଲ ଯୁଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ଥିଲା। ଏହି ମହତ୍ୱପୂର୍ଣ୍ଣ ଦିବସକୁ ପାଳନ କରିବା ନିମନ୍ତେ ପାୱାର ଗ୍ରୀଡ୍ କର୍ପୋରେସନ ଅଫ ଇଣ୍ଡିଆ ଲିଃ (ପାୱାର ଗ୍ରୀଡ) ଉତ୍ତର କ୍ଷେତ୍ର-୨ରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଉତ୍ତର କ୍ଷେତ୍ର-୨ର କାର୍ଯ୍ୟପାଳକ ନିର୍ଦ୍ଦେଶକ ରାଜେଶ କୁମାର, ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସହିତ ଲେହ ସବ୍‌ଷ୍ଟେସନରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଭାରତୀୟ ସୈନିକମାନଙ୍କ ଦ୍ୱାରା ତିନିମାସ ଧରି ଚାଲିଥିବା ଯୁଦ୍ଧରେ ଦେଖାଇଥିବା ବୀରତା ଓ ବଳିଦାନକୁ ସମ୍ମାନ ଦିଆଯାଇଥିଲା। ଏହି ଅବସରରେ କାର୍ଗିଲ ଯୁଦ୍ଧର ନାୟକମାନଙ୍କୁ ସମ୍ମାନିତ କରାଯାଇଥିଲା। ଯେଉଁମାନେ ଲଦାଖ୍ ସ୍କାଉଟସ୍ ରେଜିମେଣ୍ଟରେ ସେବା କରି କାର୍ଗିଲ ଯୁଦ୍ଧରେ ଭାଗ ନେଇଥିଲେ ଓ ବର୍ତ୍ତମାନ ପାୱାର ଗ୍ରୀଡ୍‌ର ସୁରକ୍ଷା ଅନୁବନ୍ଧରେ ନିଜର ସେବା ପ୍ରଦାନ କରୁଛନ୍ତି। ସୁରକ୍ଷା କର୍ମଚାରୀ ଶ୍ରୀ ଦୋର୍ଜେ ସ୍ମରଣ କରାଇଥିଲେ ଯେ, ଯୁଦ୍ଧ ଅବସରରେ ସାଥୀ ସୈନିକଙ୍କୁ ଆଗକୁ ବଢ଼ିବାର ଆଦେଶ ଦିଆଯାଇଥିଲା ଓ ସେ ପୋଷ୍ଟକୁ ଅକ୍ତିଆର କରିବାରେ ସେନାର ସହାୟତା କରିଥିଲେ। ଅନ୍ୟଜଣେ ସୁରକ୍ଷା ଗାର୍ଡ଼ ତାସୀ, ଯିଏକି ଆବଶ୍ୟକ ଯୋଗାଣ କାଏମ୍ ରଖିବା ସହିତ ଏକ ପୋଟର ରୂପରେ ମୁତୟନ ଥିଲେ। ଯିଏକି ଭାରତର ବିଜୟରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି ଅବସରରେ ପାଙ୍ଗ୍ କେଥଲ୍ ପରିଯୋଜନାର ମୁଖ୍ୟ ମହାପ୍ରବନ୍ଧକ (ଆଇ/ସି) ଅନୀଲ ଶର୍ମା ମୁଖ୍ୟ ମହାପ୍ରବନ୍ଧକ (ପରିଯୋଜନା) ଅରିନ୍ଦମ୍ ଚକ୍ରବର୍ତ୍ତୀ, ସୃଷ୍ଟି ମହିଳା ସମିତି ଉତ୍ତର କ୍ଷେତ୍ର-୨ର ସଂରକ୍ଷକ ସଂଗୀତା କୁମାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଭୁବନେଶ୍ୱର ଷ୍ଟେସନ ନିକଟରେ ଅଘଟଣ ଲାଇନଚ୍ୟୁତ ହେଲା ମାଲ୍‌ବାହୀ ଟ୍ରେନ

**ଭୁବନେଶ୍ୱର, ୨୬।୭:ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ଲାଇନଚ୍ୟୁତ ହେଲା ମାଲ୍‌ବାହୀ ଟ୍ରେନ୍। ଭୁବନେଶ୍ୱର ରେଳ ଷ୍ଟେସନ ଅତିକ୍ରମ କଲାପରେ ଏହା ଲାଇନଚ୍ୟୁତ ହୋଇଛି। ଏହି ମାଲବାହୀ ଟ୍ରେନ ଶୁକ୍ରବାର ସକାଳେ ଡାଉନ ଲାଇନ ଦେଇ କଟକ ଅଭିମୁଖେ ଯାଉଥିଲା। ବାଣୀବିହାର ଓ ମାଷ୍ଟରକ୍ୟାଣ୍ଟିନ ଷ୍ଟେସନ ମଝିରେ ଏହାର ଦୁଇଟି ୱାଗନ ଲାଇନଚ୍ୟୁତ ହୋଇଯାଇଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଲାଇନଚ୍ୟୁତ ହେବା କାରଣରୁ ସେହି ରୁଟ୍‌ରେ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। ଖବର ପାଇ ରେଲୱେ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ ମରାମତି କରିଥିବା ସୂଚନା ମିଳିଛି। ତେବେ ଟ୍ରେନ କେମିତି ଟ୍ରାକରୁ ଖସିଲା ସେନେଇ କିଛି ଜଣାପଡ଼ିନି। ଏହାର ଗୋଟିଏ ବଗି ଟ୍ରାକ୍ ଉପରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ସକାଳ ପ୍ରାୟ ୮ଟା ୪୫ ବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ରେଳଲାଇନର ପୁନରୁଦ୍ଧାର କରାଯାଉଛି। ଦୁଇଟି ଲାଇନ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇପଡିଛି।

# ‘ଅଣଜଙ୍ଗଲ ଜମିରେ ଗଛ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହେଉ’

**ଭୁବନେଶ୍ୱର, ୨୬।୭:ନ୍ୟୁଜ ବ୍ୟୁରୋ**

ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମଗ୍ର ବିଶ୍ୱ ଏବଂ ମାନବ ସମାଜ ପାଇଁ ଆହ୍ୱାନ ଭାବେ ଦେଖାଦେଇଛି। ସମ୍ପ୍ରତି ଏହି ସମସ୍ୟାକୁ ନେଇ ବୁଦ୍ଧିଜୀବୀ ମହଲରେ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ଅଣଜଙ୍ଗଲ ଜମିରେ ଗଛର ସୁରକ୍ଷା ପାଇଁ ଆଇନ ପ୍ରଣୟନ କରାଯିବା, ରାଜଧାନୀ ଉପକଣ୍ଠ ଭରତପୁର ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ବନୀକରଣ କରିବା ଏବଂ ଓଡ଼ିଶାରେ ବିଶେଷ କରି ଭୁବନେଶ୍ୱରରେ ପଥପାର୍ଶ୍ୱ ବନୀକରଣ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ବରିଷ୍ଠ ନାଗରିକ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ପରିଷଦର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ୍ ଅଫିସର ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ବନସେବା ଅଧିକାରୀ ବିଜୟ କୁମାର ପଟ୍ଟନାୟକ ଏବଂ ଅଜିତ ପଟ୍ଟନାୟକ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହି ପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ପ୍ରତ୍ୟେକ ନାଗରିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ନେଇ ଉଦ୍‌ବେଗ ଅନୁଭବ କରୁଛନ୍ତି। ଆଗାମୀ ବର୍ଷ ମାନଙ୍କରେ ଏହାର ପ୍ରଭାବ ଅତିଶୟ ହେବ ବୋଲି ଆଶଙ୍କା କରାଯାଉଛି। ଯାହା ଦ୍ୱାରା କି ମାନବ ସମାଜ ସହିତ ଜୀବଜନ୍ତୁ ଓ ଗୁଳ୍ମଲତାମାନେ ବିଶେଷ ଭାବେ ପ୍ରଭାବିତ ହେବେ ବୋଲି ଆକଳନ କରାଯାଉଛି। ସେ ଦୃଷ୍ଟିରୁ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିଲେ ଜଳବାୟୁ ପରିବର୍ତ୍ତନର ବ୍ୟାପକ ପ୍ରଭାବକୁ ହ୍ରାସ କରାଯାଇପାରିବ।

ଚଳିତ ବର୍ଷାଋତୁ ସମୟରେ ରାଜ୍ୟରେ ୫ କୋଟି ଚାରା ରୋପଣ ପାଇଁ ସରକାର ଯୋଜନା କରିଛନ୍ତି। ଏଥିମଧ୍ୟରୁ ଅଢ଼େଇ କୋଟି ଚାରା ଜଙ୍ଗଲ ଜମିରେ ଓ ଅବଶିଷ୍ଟ ଅଢ଼େଇ କୋଟି ଚାରା ଅଣଜଙ୍ଗଲ ଜମିରେ ଲଗାଇବାକୁ ସରକାର ଯୋଜନା କରୁଛନ୍ତି। ତେବେ ଜଙ୍ଗଲ ସୁରକ୍ଷା ଆଇନ ୧୯୮୦ର ବ୍ୟବସ୍ଥାରେ କେବଳ ଜଙ୍ଗଲ ଜମିରେ ବୃକ୍ଷ ରୋପଣକୁ ସୁରକ୍ଷା କରାଯାଇଥିବା ବେଳେ ଅଣଜଙ୍ଗଲ ଜମିରେ ବୃକ୍ଷ ରୋପଣକୁ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ ଯାହାଫଳରେ ଅଣଜଙ୍ଗଲ ଜମିରୁ ବ୍ୟାପକ ଭାବେ ଗଛ କଟାଯାଉଛି। ତାକୁ ରୋକିବା ଦିଗରେ ପଦକ୍ଷେପ ନିଆଯାଇ ପାରୁନାହିଁ। ଜଙ୍ଗଲ ଚୋର ମାଫିଆ ସେମାନଙ୍କ ସ୍ୱାର୍ଥ ଓ ଲୋଭ ପାଇଁ ଅଣଜଙ୍ଗଲ ଜମିରୁ ଗଛ କାଟି ନେଉଥିବା ବେଳେ ସେହି ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ। ଏଥିପାଇଁ ନିର୍ଦ୍ଦିଷ୍ଟ ଆଇନ ନଥିବାରୁ ଏପରି ଚାଲିଛି।

ପତ୍ରରେ ଆହୁରି ସେମାନେ ଦର୍ଶାଇଛନ୍ତି ଯେ, ଜଳବାୟୁ ପରିବର୍ତ୍ତନର ଭୟାବହ ପ୍ରଭାବରୁ ରକ୍ଷା ନିମନ୍ତେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, କେରଳ ଆଦି ରାଜ୍ୟ ଯେଭଳି ଗଛ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିଛନ୍ତି ସେହିଭଳି ଓଡ଼ିଶା ପାଇଁ ଅନୁରୂପ ଆଇନ ପ୍ରଣୟନ କରାଯିବାର ଜରୁରୀ ଆବଶ୍ୟକତା ରହିଛି। ସେ ଦୃଷ୍ଟିରୁ ରାଜ୍ୟସରକାର ଗଛ ସୁରକ୍ଷା ଆଇନ ପ୍ରଣୟନ କରିବା ସହିତ ଏହାକୁ କଡ଼ାକଡ଼ି ଲାଗୁ କରିବା ଏବଂ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦକ୍ଷେପ ନେବାପାଇଁ ସେମାନେ ଚିଠିରେ ଉଲ୍ଲେଖ କରିଛନ୍ତି।

ସେହିପରି ଭରତପୁର ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ବନୀକରଣ କରି ଏହାର ଘଞ୍ଚତା ବୃଦ୍ଧି କରିବାକୁ ସେମାନେ ନିବେଦନ କରିଛନ୍ତି। ଭୁବନେଶ୍ୱର ସହରର କେନ୍ଦ୍ରସ୍ଥଳୀରେ ରହିଥିବା ଭରତପୁର ସଂରକ୍ଷିତ ଜଙ୍ଗଲ ଯାହାକୁ ସହରର ସବୁଜ ଫୁସଫୁସ ଭାବେ ବିବେଚନା କରାଯାଏ ସେଠାରେ ରହୁଥିବା ହାତୀ ଓ ଅନ୍ୟ ପଶୁପକ୍ଷୀଙ୍କ ଲାଗି ଅଧିକ ସଂଖ୍ୟାରେ ଜଳାଶୟ ଏବଂ ଅନ୍ୟାନ୍ୟ ସୁବିଧା ଉପଲବଧ କରିବା ଆବଶ୍ୟକତା ରହିଛି। ସେହିପରି ଭୁବନେଶ୍ୱର ସହରର ପରିସୀମା ଦ୍ରୁତ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ୫୦କି.ମି. ଭିତରେ ଅତିକମ୍‌ରେ ୫ ଏକର ପରିମିତ ଜମିରେ ଏକାଧିକ ନଗରବନ ସୃଷ୍ଟି କରାଯିବା ଦରକାର। ସେହିପରି ୨୦୧୩ ମସିହାରେ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ପକ୍ଷରୁ ନୀଳାଦ୍ରି ବିହାରର ସେକ୍ଟର ୧ରୁ ସେକ୍ଟର ୫ ମଧ୍ୟରେ ରାସ୍ତା ପାର୍ଶ୍ୱରେ ଅନେକ ବଡ଼ ଗଛ ଲଗାଇଯାଇଥିଲା। ତେବେ କୋଠା ନିର୍ମାଣ ସମୟରେ ସ୍ଥାନୀୟ ଅଞ୍ଚଳବାସୀ ଗଛଗୁଡ଼ିକୁ କାଟି ଦେଇଛନ୍ତି। ତେଣୁ ଚଳିତ ବର୍ଷ ବନୀକରଣ ସମୟରେ ଓଏଫଡିସି ପକ୍ଷରୁ ନୀଳାଦ୍ରିବିହାରରେ ଯେଉଁଠି ଗଛ କଟାଯାଇଥିଲା ସେହି ସ୍ଥାନରେ ପୁଣି ଗଛ ଲଗାଇ ତାହାର ଭରଣା କରାଯାଉ ବୋଲି ସେମାନେ ପତ୍ରରେ ଦର୍ଶାଇଛନ୍ତି।

## ପ୍ରକାଶ ଅପେକ୍ଷାରେ...

**‘କଥାକଳିକା’: ଅଗଷ୍ଟ ସଂଖ୍ୟା-୨୦୨୪**




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ।
**ଅନ୍ୟ ଭାଷାର କଥା :** ଭୋଟର ସାବିତ୍ରୀ- ଅଶୋକ କୁମାର ସା
**ଯୁବ ମାନସର କଥା :** ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ’ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ୍ଟ-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଟ୍ୟୁସନରୁ ଫେରିବା ବେଳେ ଟ୍ରାକ୍ଟର ଧକ୍କାରେ ୨ ବାଳକଙ୍କ ମୃତ୍ୟୁ

**ନିମାପଡ଼ା, ୨୬।୭**
**ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା ବଳଙ୍ଗା ଥାନା ଗଡ଼ ଚାନ୍ଦପୁର ଗ୍ରାମରେ ଟ୍ରାକ୍ଟର ଧକ୍କାରେ ୨ଶିଶୁଙ୍କ ମୃତ୍ୟୁ ଘଟିଛି। ଟ୍ୟୁସନ ସାରି ଜଣେ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ବସି ଘରକୁ ଫେରୁଥିବା ବେଳେ ସମ୍ମୁଖରୁ ଆସୁଥିବା ଏକ ଟ୍ରାକ୍ଟର ସହ ବାଇକ୍ ଧକ୍କା ହୋଇଥିଲା। ଉଭୟ ବାଇକ୍‌ରୁ ତଳକୁ ଖସି ପଡ଼ି ଟ୍ରାକ୍ଟର ଚକା ତଳେ ଚାପି ହୋଇଯାଇଥିଲେ। ସେମାନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ ପୁରୀ ଜିଲ୍ଲା ବଳଙ୍ଗା ଥାନା ଗଡ଼ ଚାନ୍ଦପୁର ଗ୍ରାମର ସତ୍ୟରଞ୍ଜନ ପରିଡ଼ାଙ୍କ ୭ ବର୍ଷର ପୁଅ ଆୟୁଷ୍ମାନ ପରିଡ଼ା ଏବଂ ସମ୍ବିତ ପରିଡ଼ାଙ୍କ ୯ ବର୍ଷର ପୁଅ ସୁବ୍ରତ ପରିଡ଼ା। ଏ ସମ୍ପର୍କରେ ବଳଙ୍ଗା ପୋଲିସ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକମାନଙ୍କୁ ଶାନ୍ତ କରିବା ସହ ଟ୍ରାକ୍ଟର ଜବତ କରି ତଦନ୍ତ ଚଳାଇଛି। ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଛି। ଅପରପକ୍ଷେ ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଟ୍ରାକ୍ଟର ଚାଳକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

## ରାଜ୍ୟ ବାହାରେ ମଧ ଯନ୍ତ୍ରୀଙ୍କ ପ୍ଲଟ୍ ଠାବ କଲା ଭିଜିଲାନ୍ସ

**ଭୁବନେଶ୍ୱର, ୨୬।୭:ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପଡ଼ିଥିବା ବଲାଙ୍ଗିର ଲୋୟର ସୁକତେଲ୍ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଛି। ତାଙ୍କର ୨ଟି ବହୁତଳ କୋଠା ସହିତ ୨ଟି ଫ୍ଲାଟ୍ ଏବଂ ୩୪ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ସେହିଭଳି ରାଜ୍ୟ ବାହାରେ ମଧ ଯନ୍ତ୍ରୀଙ୍କ ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ଉତ୍ତରପ୍ରଦେଶ ମଥୁରାରେ ୨ଟି ପ୍ଲଟ ଠାବ କରିଛି ଭିଜିଲାନ୍ସ।

# ରେଳଧାରଣାରେ ପଡ଼ିଛି ଓକିଲଙ୍କ ମୃତଦେହ : ହତ୍ୟା ନା ଆତ୍ମହତ୍ୟା ?

**କଟକ, ୨୬।୭:ନ୍ୟୁଜ ବ୍ୟୁରୋ**

ରେଳଧାରଣାରେ ପଡିଛି ଓକିଲଙ୍କ ମୃତଦେହ। କଟକ ଚୌଦ୍ୱାର ଶଙ୍କରପୁର ରେଳଧାରଣାରୁ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସୌମ୍ୟ ପ୍ରକାଶ ମହାପାତ୍ର ଓ ଘର ଶେଖ୍‌ବଜାରରେ ହୋଇଥିବା ତାଙ୍କ ପରିଚୟପତ୍ରରୁ ଜଣାପଡ଼ିଛି। ଘଟଣାସ୍ଥଳରେ ଓକିଲଙ୍କ ବାଇକ୍ ମଧ ପଡିଛି। ପୋଲିସ ସେଠାରେ ପହଞ୍ଚି ମୃତଦେହ ସହ ଗାଡି ଓ ତାଙ୍କର ପରିଚୟପତ୍ର ଉଦ୍ଧାର କରିଛି। ତେବେ କେମିତି ଓକିଲଙ୍କ ମୃତ୍ୟୁ ହେଲା ? ଏହା ଆତ୍ମହତ୍ୟା ନା କେହି ହତ୍ୟା କରି ତାଙ୍କୁ ଫିଙ୍ଗି ଦେଇଛି ? ଏ ଯାଏଁ ସ୍ପଷ୍ଟ ହୋଇ ପାରିନି। ପୋଲିସର ତଦନ୍ତ ପରେ ଘଟଣା ଜଣାପଡିବ। ବର୍ତ୍ତମାନ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ରହସ୍ୟ ଉପରୁ ପରଦା ଉଠିପାରିବ ବୋଲି ସୂଚନା ଦେଇଛି ଚୌଦ୍ୱାର ଥାନା ପୋଲିସ।